ମଣିକାଞ୍ଚନ

ରାୟ ସାହେବ ଜଗଦ୍‌ବନ୍ଧୁ ମହାପାତ୍ର ଏମ. ଏ

Digitized by srujan ka@gmail.com

ଉତ୍ସର୍ଗ

ମୋର ଶ୍ରଦ୍ଧେୟ ଭ୍ରାତା ଶ୍ରୀମାନ୍

କୃପାସିନ୍ଧୁର ହସ୍ତରେ

ଅର୍ପିତ

ଲେଖକ—

Digitized by srujan ka@gmail.com

ଉପହାର

To

[illegible]

[illegible]

[illegible]

ଶ୍ରୀ [illegible]

Digitized by srujan ka@gmail.com

ମଣିକାଞ୍ଚନ

—ଏକ—

ଏ କଥାଟିର ଆରମ୍ଭ ଗୋଟିଏ ଫୁଲ ଗୁଙ୍ଗୁଡ଼ରୁ । ହଁ ଫୁଲଗୁଙ୍ଗୁଡ଼ । ର୍ଥାତ୍ ଗୁଙ୍ଗୁଡ଼ିଏ ରସ-ରସିଆ ମନଭୁଲାଣିଆ ଫୁଲ । ଅର୍ଥାତ୍ ଗୁଙ୍ଗୁଡ଼ିଏ ୂଲ ନେଇ ମଦନା ମା ମନର ଆବେଗରେ ଯେତେବେଳେ ଗାଁ ମହା- ଦେବଙ୍କ ମନ୍ଦିରକୁ ଚାଲିଯାଉଥାଏ, ସେତିକିବେଳେ ଏ କଥାଟିର ସିଦ୍ଧି- ତ୍ତି ।

ମଦନା ମା ଏକା ମୁହଁରେ ଚାଲିଛି । ମଗୁଶିର ମାସ । ସଫା ସକାଳ ହୋଇନାହିଁ । ଅନ୍ଧାର ଝାପ୍‌ସା ଝାପ୍‌ସା । ଶିର୍ ଶିର୍ ଶିଶିର ପଡ଼ୁଛି । ଘାସ ଛ ଉପରେ କାକର ପଡ଼ି ମୁକ୍ତା ଲେନ୍ଥି ହେଲା ପରି ଜକ ଜକ ଦିଶୁଛି । ୋଟିଏ ପାଖରେ ପାଣ୍ଡୁରିଆ ଚନ୍ଦ୍ରକଳା ଅସ୍ତ ହେବାକୁ ଯାଉଛି । ଅନ୍ୟ ରୁ ମେଘ କଣରୁ ସିନ୍ଦୁର ଫାଟି ଆସିଲାଣି । ମଦନା ମା ମୁଣ୍ଡରେ ଦର ଖଣ୍ଡିଏ ଦୁଇପ୍ରସ୍ଥ କରି ପକାଇ ବାଁ ହାତରେ ଫୁଲଗୁଙ୍ଗୁଡ଼ିଟି ଧରି ାତ ହଲାଇ ହଲାଇ ଧୀରେ ସୁସ୍ଥେ ଚାଲିଛି । ତାର ସାଧର ବସିଡ଼ଟା ଆଁଉ ସିଆଁଉ କହୁ କହୁ ତା ପଛେ ପଛେ ଝୁପୁର ଝୁପୁର ହୋଇ ାଲିଛି ।

Digitized by srujan ka@gmail.com

ଗାଁ ମୁଣ୍ଡରେ ମହାଦେବ ମନ୍ଦିର । ଟିକିଏ ଭଙ୍ଗାଟିଆ । ମନ୍ଦିରକୁ ଲାଗି ଜଗମୋହନ ଘର । ଘଣ୍ଟା ଝୁଲା । ଜୋଉ କାଳର ଘର ବୋଲ୍ ଜଣାଅଟେ ଶିଉଳ ଲାଗି ଝାଙ୍କିଣି । ମନ୍ଦିର ପାଖରେ ଗୋଟିଏ ଛୋଟ ପୋଖରୀ । ମନ୍ଦିର ପଛଅଟେ ଯଦୁ ଦୀକ୍ଷିତ ସେବକର ଘର । ଯଦୁ ଠାକୁରଙ୍କର ପୁଜାରୀ । ଗାଁର ସେବା କରେ । ଦେବତା ଜମି ଦମାଣ ଠାକୁରଙ୍କର ଭୋଗକରେ । ଯଦୁର ସଂସାରରେ ତାର ସ୍ତ୍ରୀ ନେତ ଛଡ଼ା ଆଉ କେହି ନାହାନ୍ତି । ନେତ ଅଣେଡ଼ ନେଇଛି ଘର ଝିଅ । ଦଶଜ ବାସନ, ଦଶଜ ରୁପା ଗହଣା, ଖଟ ଶେଯ ଆଦି ବାପଘରୁ ଏତେ ଜିନିଷ ଆଣିଥିଲା ଯେ ଚାରି ପାଞ୍ଚ ବରଷ ହେଲା ସେ ବିବାହ କଲାଣି, ଅଛଡ଼ାଏ ସବୁ ଦର୍ପଣ ପରି ଝଲକୁଛି ।

ହେଇଥିଲାଟି ଯଦୁ ବଡ଼ କଟ୍ଟର ନେତର ଉଦାମଣ୍ଡ ଚଲୁଥାଏ । ଅଧିକାଂଶ ଦିନ ତା'ଲାଗି ଦାଣ୍ଡକାମ ପଡ଼ିଲୁ ପଡ଼ାହ, ଘର ପାଇଟିଯାକ ହାତେ ହାତେ କରିଯାଏ । ଗାଁରେ ସେଥିପାଇଁ ତା ନାମ ଦେଇଥାନ୍ତି ମାଇକିଆ ଯଦୁ । ଦିନେ ଦିନେ କାନ୍ଥ ନେଇ ଯଦୁ ଉପରେ ଶୁଟିଯାଏ ଓ ଦୁମଦାମ ଦୁଇଟା ଯଦୁର ମୁଣ୍ଡ ପିଠି ଉପରେ ବସିଯାଏ । ଯଦୁ ଭାବେ, ହଉ, ବଡ଼ଲୋକ ଘର ଝିଅ । ଦିଟା ମାଇଲେ କ'ଣ ହେଲା ।

ଯେଉଁ ଦିନର ଘଟଣା ବର୍ଣ୍ଣନା କରାଯାଉଅଛି, ତା ପୂର୍ବ ରାତିରେ ଯିହୁ ନେତଠାରୁ ସେହିପରି ଦୁଇ ଗୁରୁବିଧା ଖାଇ ଘରୁ ବାହାରି ଚାଲିଯାଇଥାଏ । ନେତ ବଡ଼ୁଣୀ ଗୁଡ଼ାଏ ଏକୁଟିଆରେ ଛଟାଇ ସକାଳୁ ଉଠି ଏପାଖ ସେପାଖ ହେଉଥାଏ । ଯେତେ ହେଲେ ହାତ ଧରିକି ଚଗରସ୍ତ ତ । ଦିଟା—ପୁଣି ଶୀତଦିନ ରାତି, କେଉଁଠାରେ କିପରି ପଡ଼ି ରହିଲେ । ଅହା । କାହିଁକି ସେ ଦିଟା ବିଧା ବସାଇଦେଲିଟି ।

Digitized by srujan ka@gmail.com

ମଦନା ମା ହାତ ହଲାଇ ହଲାଇ "କଗୋ ପୁଷ୍ପାଶ୍ରଘର ବୋହୂ ! ଆଜି କେଣ ଏତେ ସକାଳୁ ଉଠିଛ ?" କହୁ, ଜଗମୋହନ ଘର ଭିତରକୁ ପଶିଗଲା; ଫୁଲ ଦିଓଟି ଥୋଇଦେଇ ବାହାର ଆସିବ ।

ହଠାତ୍ କିଏ ତାକୁ ସେ କଣରୁ ଧାଇଁଆସି କୁଣ୍ଢାଇ ଧରି ତା ଗଣ୍ଡଦେଶରେ ଯୋଡ଼ିଏ ତତଲା ତତଲା ଓଠ ଲଗାଇଦେଇ ଗୋଟିଏ ଚୁମ୍ବନର ରେଖା ଫୁଟାଇଦେଲା । ମଦନା ମା ଅବାକ୍ । ମଦନା ମାର ଦିନେ ଏଥିପାଇଁ ବୟସ ଥିଲା । ଅଜ କିନ୍ତୁ ତାର ଯୌବନର ଦୀପ୍ତି ଶୀତଳ ହୋଇ ଅସିଲାଣି । ବୟସ ଆସି ଗୁଳଣି ଝିପିଲାଣି । ଯୋଡ଼ା ଯୋଡ଼ା ଭେଣ୍ଡା ପୁଅ । ଏ ବୟସରେ ଅଉ ରସିକତାର ସ୍ଥାନ କାହିଁ ?

ତଥାପି ଏ ପୋଡ଼ା ଜୀବନରେ ଭରତ ବା କାହିଁ ? ବୟସ କେବେ ଯେତେ ହେଉ ପଛକେ, ବ୍ରହ୍ମଚର୍ଯ୍ୟର ଛଳନା ବାହାରକୁ ଯେ ଯେତେ ଇଚ୍ଛା କରୁ ପଛେ, ଅତ୍ୟନ୍ତଣ ମାଦକତା କଟିବାକୁ ସଂସାରର ବାହ୍ୟଞ୍ଜନ ଥିବାଯାଏ ସୁଯୋଗ ମିଳେ ନାହିଁ । ତେଣୁ ମଦନା-ମା'ର ଗଣ୍ଡ ଦେଶର ସେ ଉଷ୍ଣ ଚୁମ୍ବନର ଅନୁଭୂତ, ଅତ୍ୟନ୍ତ ଅପ୍ରୀତକର ନ ହେଲେ ମଧ୍ୟ ଘଟନାର ଆକସ୍ମିକତାରେ ତାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ।

ଶୁହିଁ ଦେଖେ ତ ମାଇଚିଆ ଯଦୁ ମଦନା ମା'କୁ ଅତ୍ୟନ୍ତ ଗାଢ଼ ଆଲିଙ୍ଗନରେ ଝପଟି ଧରିଛି । ପାଗଳ ନା କ'ଣ ? ମଦନା ମା ଗାଢ଼ ଜର୍କିଶ ସ୍ୱରରେ କହିଲା "ଯଦୁ ! ଯଦୁ ! ଅଗୋ ପୁଷ୍ପାଶ୍ରଘର ବୋହୂ ! ଦେଖିବ ଅସ, ଦେଖିବ ଅସ ।" ମଦନା ମା ତୁଣ୍ଡରୁ କଥା ବାହାରୁ ନ ବାହାରୁ ଯଦୁର ଉନ୍ମାଦ କଟିଯାଇଛି । ସେ ହସ୍ତହସ୍ତ ହରଣୀ ପରି,

Digitized by srujan ka@gmail.com

ଦୁଇଗୋଡ଼ର ଯୋରରେ ତାର ସମସ୍ତ ପଖାଳଖିଆ ଥାକୁଲ ଶକ୍ତିଟାକୁ ଧରି ଜଗମୋହନର ଦ୍ୱାର ଦେଇ ତାର ଘରର ସୁପରିଚିତ ଦଗକୁ ପଳାୟନ କଲା ।

ମୁହାଁସିଘର ବୋହୂ ଡାକ ଶୁଣି ଧାଇଁ ଆସି ମଦନା ମା'ଠାରୁ ରାମାୟଣ ୭ କାଣ୍ଡ ମୂଳଠାରୁ ଶେଷଯାଏ ଶବ୍ଦମୁଖର ପୁରାଣ ଭଙ୍ଗୀରେ ଶୁଣି ପହଁରମୁଠାକୁ ସଜାଡ଼ ରଙ୍ଗ ଅଗଣାରେ ପଇଁତରା ପକାଇବାରେ ଲାଗିଲା । ମଦନା ମା ମାଇପଝିଅ ଯଦୁର ସାତପୁରୁଷ ସଙ୍ଗରେ ବନ୍ଧୁବାନ୍ଧବ ସମ୍ପର୍କଟା ପୂରି ମାନ୍ଦାରେ ପ୍ରତିଷ୍ଠିତ କରି ଯେତେବେଳେ ତଳକୁ ଗୁହାଁ ଦେଖେ ଯେ ତାର ଅତି ଯତ୍ନରେ ସଂଗୃହୀତ ଫୁଲଗୁଡ଼ିକ ତଳେ ପଡ଼ି ଅପଦାର୍ଥ ହୋଇଯାଇଛି, ସେତେବେଳେ ତାର ମନରେ ଏକ ଅପୂର୍ବ ଉଦ୍‌ବେଗ ଜାଗ୍ରତ ହେଲା । ତାର ସ୍ୱାମୀ ମଦନା ଦଓଟି ପୁଅ ମଧ୍ୟରୁ ସାମାଣ୍ଟି ବିଦେଶରେ; ମଦନାଟି ସାତଦିନର ଜର ଭୋଗି ଭୋଗି କାଲି ଗଣ୍ଡିଏ ପଥି ଧରିଛି । ରାତିରେ ସ୍ୱାମୀ ବିଷୟରେ ଗୋଟିଏ ଦୁଃସ୍ୱପ୍ନ ଦେଖିଥିବାରୁ ଅପଦ ଶାନ୍ତି ପାଇଁ ସକାଳୁ ଉଠି ସେ କେତେ କଷ୍ଟରେ ଏତେଗୁଡ଼ିଏ ଫୁଲ ସଜାଡ଼ ଆଣିଥିଲା । ଏ ପୋଡ଼ାମୁହାଁ ସେ ସବୁ ଭଣ୍ଡିରୁ କରିଦେଲା । କ'ଣ ହେବଟି ? ତେଣେ ଏ ପୋଡ଼ା ବୟସରେ ମଧ ଗାଲରେ ସେ ଉଷ୍ମ ଚୁମ୍ବନର ଅନୁଭୂତି ନିହାତ ରସଭଙ୍ଗ କରି ଦେଉନାହିଁ ତ ?

Digitized by srujan ka@gmail.com

—ଦୁଇ—

ଯଦୁ ବିଚାରିକୁ ବା ଦୋଷ ଦେବା କିପରି ? ରାତିରେ କେଉଁଠି ତାକୁ ଉତ୍ତମ ମଧ୍ୟମ ଦୁଇଟା ଦେଇ ଦୁଆର କଳ ପଦାକୁ ବାହାର କରିଦେଲା । ତାର ତ ଘର ଛଡ଼ ଦୂରକୁ ଗଲେ କେଉଁଠି କାଳେ ରାତିରେ ଡରିବ, ସେଥିପାଇଁ ସେ ସ୍ଥାନ ଛଡ଼ି ଯିବାକୁ ଇଚ୍ଛା ହେଉ ନ ଥାଏ । ଶୀତ ଦିନ ତ ! ପଦାରେ ଶୋଇପଡ଼ିବାକୁ ହେବ ନାହିଁ । ବାଧ୍ୟ ହୋଇ ଯଦୁ ଜଗମୋହନର ଗୋଟିଏ କଣରେ ପଡ଼ିରହିଲା । ଶୀତ ରାତି । ପୁଣି କେଉଁ କାଳେ ଉଠି ଡାକିବ କି ଡରିବ ଏ ଭୟରେ ତାକୁ ରାତସାରା ନିଦ ହେଉ ନ ଥାଏ । ଭାବି ଭାବି ସ୍ଥିର କରି ରଖିଥାଏ, ସକାଳୁ କେଉଁ ଯେମିତି ଜଗମୋହନ ଘର ଓଳାଇବାକୁ ଆସିବ, ସେ ତାକୁ ଆଗ୍ରହରେ କୁଣ୍ଢାଇ ଦୁଇଟି ସ୍ନେହର ଚୁମ୍ବନ ତା ଗାଲରେ ଅଙ୍କିଦେବ । ସବୁ ପାଠ ଏକା କଥାକେ ଛୁଡ଼ ଯିବ । ତାର ଧାରଣା ନ ଥିଲା ଯେ ସକାଳୁ ଏ ବେଟସିଙ୍କ ମଦନା ମା ଗୁଣ୍ଡୁଡ଼ିଏ ଫୁଲ ଧରି ଲସର ପସର ହୋଇ ଅକାରଣଟାରେ ଧାଇଁ ଆସିବ । ସେ ତ କେଉଁ ବୋଲି ଭାବି ମଦନା ମା'କୁ ଧରି ପକାଇଲା । ମା'ଟ ତାର ପାଟି ଶୁଣି କଥାଟା ବୁଝିବାକୁ ତାର ବାକି ରହିଲା ନାହିଁ । ପୁଣି ଏ ସତ୍ୟାନାଶୀ ମଦନା ମା'ଟା କେଉଁକୁ ଡାକ ମାରିବାର ଶୁଣି ତାର ପେଲେହିଟା ତରଳ ପଦାର୍ଥରେ ପରିଣତ ହେବାକୁ ଆରମ୍ଭ କଲା । ଅଗତ୍ୟା ତାକୁ ବାହାରକୁ ଦୌଡ଼ ପଳାଇବା ଛଡ଼ା ଅନ୍ୟ ଗତି ନ ଥିଲା ।

ଯଦୁ ଦୌଡ଼ ଦୌଡ଼ ନଈକୂଳ ଯାଏ ଗଲା । ସେଠାରେ ବସିକି କଣ କରିବ ସେଇକଥା ଭାବିବାକୁ ଲାଗିଲା । ଘରକୁ ଫେରିଗଲେ ଯେ ପ୍ରହାର ମିଳିବ, ସେ ବିଷୟରେ ତାର ଆଉ ସନ୍ଦେହ ରହିଲା ନାହିଁ ।

Digitized by srujan ka@gmail.com

ଘର ଛାଡ଼ି ବା ଯିବ କୁଆଡ଼େ, ଧାଡ଼ି ବାଡ଼ି ତ ଶୋଇନାହିଁ । ସକାଳୁ ତ ଏ ଦଶା । ଏବେ କରେ କ'ଣ ?

ବହୁତ ଭାବି ଚିନ୍ତି ସ୍ଥିର କଲା ଯେ ଯାହା କପାଳେ ଥାଉ ଘରକୁ ଫେରିବାକୁ ହେବ । ନେଡିକୁ ସବୁ କଥା ଖୋଲି କହିଲେ ସେ କ'ଣ ବୁଝିବ ନାହିଁ ଯେ ! ଏହିପରି ଭାବି ଭାବି ବେଳ ପ୍ରାୟ ପହରେ ସଞ୍ଜ ଯଦୁ ଅତି ସନ୍ତର୍ପଣରେ ଦୁଆରେ ପାଦ ଦେଲା । ନେଡି ତ ରାଗିଜର ଥିଲା, ଯଦୁକୁ ଦେଖିଲା ମାତ୍ରେ ଆଉ କିଛି ନ ବିଚାରି ଝାଡ଼ୁମୁଠା ସେବା ଆରମ୍ଭ କରି ଦେଲା । ଯଦୁ ଯାହା ସବୁ କହି ଖସିଯିବାର କଳ୍ପନା କରୁଥିଲା, ସେ କଳ୍ପନା ନେଡିର ଉଗ୍ରଚଣ୍ଡୀ ମୂର୍ତ୍ତି ଦେଖି ଧିଆ ପଲକେ ହଜମ ହୋଇଗଲା । ତା ପାଟି ଖାଲି ମାଡ଼ ଯାଉଥାଏ । ଖାଲି କହୁଥାଏ "ଇଲୋ ମରିଗଲି ଲୋ" ।

ନେଡି ଅବଶ୍ରାନ୍ତ ବାଡ଼େଇ ଚାଲିଥାଏ । ତାର ଅଜଣାଏ ଧାରଣା ଥିଲା ଯେ ଯଦୁ ତାର ବଡ଼ ଅନୁଗତ । ଆଜି ସେ ହିମାଳୟ ଧାରଣା ଚୂର୍ଣ୍ଣୀ-ଭୂତ ହୋଇ ଯାଇଛି । ରାଗର ମାତ୍ରା ପଞ୍ଚମରେ ଉଠିଛି । ଯଦୁ କେତେ ଆଉ ସହିବ ? କହିବା ଯେତେବେଳେ ନ ଚାଲିଲା, ଦ'ହାତ ଢିଗ୍ ଦେଇ ଘରର ସେହି ନୂଆଁଣିଆ ଭାଡ଼ିଠା ଉପରେ ଉହୁଙ୍କି ଚଢ଼ି-ଗଲା । କିନ୍ତୁ କୋଉ କାଳର ପୁରୁଣା ବାଉଁଶ ଭାଡ଼ିଠା, ୭୦ସେର ଓଜନ ଭେଣ୍ଡା ଯଦୁର ଥାକୁଲି ଗଣ୍ଠି ତା ଉପରେ ସମ୍ଭାଳ ହୁଅନ୍ତା କେତେବେଳେ, ଗଛ କାଟିଲା ପରି ଭାଡ଼ି ଭାଙ୍ଗି ଯଦୁ ସହିତ ତଳେ ପଡ଼ିଲା । ଖଣ୍ଡେ ବାଉଁଶ କେଞ୍ଚା ଯଦୁର ଅଣ୍ଟୁରେ ବାଜି ପିଚ୍ ପିଚ୍ ରକ୍ତ ବାହାରି-ବାକୁ ଲାଗିଲା ।

ନେଡିର ଅକଲ ଗୁଡୁମ । ସେ କ'ଣ କରିବ, ଏଇକଥା ସ୍ଥିର କରିବାକୁ ଯାଉଛି, ସେଆଡ଼ୁ ଝିଅ ମାଳୀ "ନୂଆ ବୋହୂ ଘରେ ଅଛ,

Digitized by srujan ka@gmail.com

ଶୁଣିଲଣି ନା ତୁମ ଗେରସ୍ତଙ୍କ ଗୁଣ" କହୁ ଘର ଭିତରେ ପଶିଲା । ରଥିଆ ଅନେକ ସମୟରେ ଯଦୁ ଘରକୁ ଆସେ, ଗାଁରେ ଲୋକେ ଏଥି-ପାଇଁ ଅନେକ କହୁ ଫୁସ୍‌ଫାସ୍ ହୁଅନ୍ତି, ଅଳ୍ପ କଳୁ ନେତର ଏ ସବୁ ରସିକତା ଆଡ଼କୁ ମନ ନ ଥିଲା, ଏବେତ ଯଦୁର ଦେହରୁ ରକ୍ତ ଦେଖି ତା'ର ଅନ୍ତରାତ୍ମା କମ୍ପିବା ଉପରେ । ତା ଉପରେ ପୋଡ଼ା ଘାରେ ଚୂନ ଦେଲାପରି ଏଥିରୁ ଗୋଟାଏ ବେରସିକ ଲୋକ ଆସି ମର୍ମ ସ୍ଥାନରେ ବାଧା ଦେବାକୁ ଆରମ୍ଭ କଲା, ବୋଇଲା "ଯେଉଁ ଫୁଲ ଲାଗି ଲାଗିଛି କଳି, ସେଇ ଫୁଲ ନେଇ ଆସିଛି ମାଳୀ ।" ନେତ ତ ରାଗରେ ଖୁଣ । ସେଇ ଖଞ୍ଜୁଣୀ ମୁଠାକୁ ତ ରଥିଆ ଉପରେ ଚଳାଇ ଦେଲା, କହିଲା "ମୁଁ ତ ଖାଇଲି ମୋର ଭାତ, ତୋର କାହିଁକି ଗାଲରେ ହାତ; ମୁଁ କ'ଣ ତୋର ଖାଏ ନା ମାରେ ଯେ ତୁ ମୋ ଗେରସ୍ତକୁ ବାର ବସିବୁ" ?

ରଥିଆ ବରଂ ଥିଲା ସିନା ନେତ ତା କଥା ଶୁଣି ତା ସହିତ ଗାଳି ଧରିବ, ସେ ଆଉ ଏ ଗରମାଗରମ ମାଲ ଆଶା କରି ନ ଥିଲା । ଦଗ୍ଧ ବାଡ଼ ଯିମିତି ତା ଉପରେ ଉଡ଼ିଗଲା, ସେ ଭାବିଲା "ମୁଁ ବା ଛାଡ଼ିବ କାହିଁକି ?" ସମସ୍ତେ ତ ମାଇଚିଆ ଯଦୁ ନୁହନ୍ତି ଯେ ସହିଯିବେ, ସେ ଧଇଲା ନେତର ଚୁଟିକି, ସେଇ ଝାଡ଼ୁକା ମୁଠାକୁ ଛଡ଼ାଇ କଷିଲା ପାହାର ଉପରେ ପାହାର । ନେତ ତ ଏଥିପାଇଁ ପ୍ରସ୍ତୁତ ନ ଥିଲା, ସେ ତ ମାଡ଼ ମାରେ, ଓଲଟି ତାକୁ କିଏ ମାରିବ ଏ କଳ୍ପନା ତାର ଆଗରୁ ଥିଲେ ସିନା ସେ ବାଟ କାଟିଥାନ୍ତା, ଉପାୟ ନ ପାଇ "ମରିଗଲି ଲୋ" "କିଏ ଅଛ ଧାଇଁ ଆସ" "ମାରି ପକାଇଲା, ମାରି ପକାଇଲା" କହି ହୁରି ଛାଡ଼ିଲା ।

ଯଦୁ ଦେଖିଲା ଯେ ତାର ତ ଦୁଇ କୂଳ ଗଲା, ନଜରରେ ମାନ ଇଜ୍ଜତ ପଦାରେ ପଡ଼ିଲା । ମାଇପିଟା ତା ଆଖି ଆଗରେ ମାଡ଼ ଖାଉଛି,

Digitized by srujan ka@gmail.com

ଅପଣା ଦେହରୁ ତ ରକ୍ତର ଧାର ଛୁଟିଛି, ତେବେ ନେଢ ଯେ ତାର ସପକ୍ଷରେ କଥା କହିବାକୁ ଯାଇ ମାଡ଼ ଖାଉଛି ଏ କଥାଟା ତାକୁ ଅପୂର୍ବ ପ୍ରେରଣା ଦେଲା । କଣ୍ଟେ ମଣ୍ଟେ ଉଠି ବସୁଥିବା ରଥିଆର ମର୍ମସ୍ଥଳ ଦେଖି ଦେଲା ଲଷିକଣ୍ଠ ଏକ ଝାମୁଡ଼ା—ଯେଉଁଥିରେ ରଥିଅ "ମଲି—ଗଲି—ଲେ" କହି ଭୂଇଁରେ ପଡ଼ିଲା—ଚେତା ଚଇତନ—ଦୁହେଁ ଶୂନ ।

ଏ ଏକ ବିଷମ ରହସ୍ୟ ଉପୁଜିଲା । ତେଣେ ନେଢର ଡାକ ଶୁଣି ଗାଁର ଭିଖା ମହାରଣା, ଜଗୁ ସେନାପତି, ଦ୍ୱିଜନା ଦାସ, ଚମ୍ପା ବୋଉ ସମସ୍ତେ ଗଦା ହୋଇ ପଡ଼ିଲେ, କଥା କ'ଣ ? ଯଦୁର ଦେହ ତ ସଫା ବରଡ଼ା ପତ୍ର ପରି ଥରିବାକୁ ଲାଗିଲା ।

ଭିଖା ପଗ୍ଚରିଲା "କଥା କ'ଣ ? ରଥିଅ ଟା ଏପରି କାହିଁକି ପଡ଼ିଚି, ଯଦୁ ଗୋସେଇଁର କ'ଣ ରକ୍ତ ଧାର ଛୁଟିଛି, କ'ଣ ହେଲା ?" ଯଦୁ ବିଗ୍ଚରିଲା "ହା ଭଗବାନ୍ ! ପଡ଼ିଲି ତ ହାତକଡ଼ା" ।

ନେଢ କହିଲା, "ଦେଖିବନି ହେ ! ମୋ ଗେରସ୍ତ କଣ କଲା କଣ ନ କଲା, ସ୍ୟାର କଣ ଗଲା, ଏ ଅସି ମୋ ଗେରସ୍ତକୁ ଏଇ ଖଡ଼ିକା ମୂଠାରେ ପିଟୁଥିଲା, ମୁଁ ବାଧା ଦେଲାରୁ ମତେ ବାଡ଼େଇ ଦେଇଗଲା । ଗେରସ୍ତ ମୋର କଲବଲରେ ଭୂଇଁ ଉପରକୁ ଚଢ଼ି ଯାଉ ଯାଉ ତା ଉପରେ ଖସି ପଡ଼ିଲେ । ସେ ବେହୋସ୍, ସ୍ୟାଙ୍କର ରକ୍ତର ଧାର ଛୁଟିଚି । ମୁଁ ମାଇପି ଲୋକ, କଣ କରେ—ଇଲେ ମୋ ମାଅଲେ କ'ଣ କରିବାଁ ?" ଗାଁ ଲୋକେ ଦେଖିଲେ ସତକୁ ସତ ନେଢ ଦହଯାଚ ପହିଁସ ମୂଠାର ଦାଗ, ଯଦୁର ଶରୀର ଖଣ୍ଡିଅ, ଭୂଇଁତ ଭାଙ୍ଗିଛି । କଥା ଠିକ୍ !

ତଥାପି ସର୍ମସ୍ତେ ଲାଗି ପଡ଼ି ରଥିଅକୁ ଦୋଷୀ ସାବ୍ୟସ୍ତ କଲେ, ଗାଁରେ ରଥିଅ କଥା ତ ସମସ୍ତେ ଜାଣନ୍ତି, ଲୋକଙ୍କ ଠିକ୍ ହେଉଛି ।

Digitized by srujan ka@gmail.com

ରଥିଆ ଚେତା ପାଇ ଯେତେ ଯାହା କହିଲା ତା କଥା କେହି ବିଶ୍ୱାସ କଲେ ନାହିଁ ।

ସକାଳ କଥା ବି ଗାଁରେ ସ୍ପଷ୍ଟ ହୋଇ ଗଲାଣି । ମାଲିଆ ଯଦୁ ମଦନା ମାଛ ଚୋରାଇବାଟା ସମସ୍ତଙ୍କୁ ଅଚମ୍ଭିତ ଶୁଣାଗଲା । ମାତ୍ର ଯଦୁ ଯେ ମାଇପକୁ ମାଡ଼କୁ ଠେଲି ଦେଇ ଖିଡ଼ୀକି ବାଟେହର ସଙ୍ଘାତ ଚଢ଼ି ଯାଉଥିଲା, ସେ ଅସୀମ ସାହସ ଯଦୁ ଛଡ଼ା ଗାଁରେ ଅଉ କାହାର ଯେ ନାହିଁ, ତାହା କେହି ଅବିଶ୍ୱାସ କଲେ ନାହିଁ ।

କଥାଟା ପାଞ୍ଚଲୋକ ମିଳି ସମାଧାନ କରି ଦେଲେ । ରଥିଆ ପାଞ୍ଚଙ୍କୁ ଗୁଣାଗାର ଦେବାର ହେଲା । ଯେଝା ଘରକୁ ସେ ଗଲେ । ରଥିଆର ରାଗଟା କିନ୍ତୁ ପୂର୍ବପରି ରହିଲା । ନେଡ଼ା ଯଦୁକୁ କହିଲା "ବାଃ କମ୍ ରସିକ କଡ଼ାଏ ତୁମେ ନୁହଁ ଦେଖିଲି" । ଯଦୁ ତହୁଁ ସବୁ ସତ ସତ କଥା ଖୋଲି କହିଗଲା । ନେଡ଼ାର ମନ ଏତେବେଳକୁ ଟିକିଏ ନରମ ହେଲା ।

Digitized by srujan ka@gmail.com

—ତିନି—

ଯଦୁ ଜଗନ୍ମୋହନ ଘରୁ ମଦନା ମା'କୁ ଛଡ଼ା ପଠେଇଦେବା ସଙ୍ଗେ ସଙ୍ଗେ ନେଇ ଘ ଆସି ମଦନା ମାଠାରୁ ସବୁ ଇତିହାସ ଶୁଣି ରାଗରେ ପଥର ହୋଇ ରହିଲା । ମଦନା ମ ଜଗମୋହନ ଘରୁ ବାହାରି ବକୁରିଲା, କଣ ନ ହେଲା ? ଯାହାତ ହେବାର ହୋଇଥିଲା, ମୁଁ ଏବେ ପାଟି ଛିଣ୍ଡ କରି କାହିଁକି କଥାଟାକୁ ପ୍ରଘଟ କଲି ? ଗାଁ ଲୋକେ ମୋତେ କ'ଣ କହିବେ ? ଦାଣ୍ଡରେ ହାଟରେ ହୁରି ପଡ଼ିଯିବ, ତେଣେ ପୁଣି ପିଲାଟାର ଖବର ଆଜିକୁ ମାସେ ହେଲା ପାଉନାହିଁ । କାଲି ସ୍ୱପ୍ନ ଦେଖି ଠାକୁରଙ୍କ ପାଇଁ ପୂଜାଗଣ୍ଡେ ଯୋଗାଡ଼ କରିଥିଲି ଯେ ତାହା ବି ମାଟି ହୋଇଗଲା । ସାତ ପାଞ୍ଚ ବିଚାରି ମଦନା ମା ବଡ଼ ମନ ଦୁଃଖରେ ଗୁଙ୍ଗୁଡ଼ି ଧରି ବାହାରିଲା । ଗୋଡ଼ ତାର ଲାଜରେ ଓ ଦୁଃଖରେ ଆଗକୁ ପଡ଼ୁ ନ ଥାଏ ।

ଦଶ ପାହୁଣ୍ଡ ଯାଇ ନ ଯାଉଣୁ ଦୂରରୁ ଦେଖିଲା, ରମା ଆସୁଛି । ଛାତି ତାର କୁଣ୍ଢେ ମୋଟ । ଅନେକ ଦିନୁଁ ରମାଠାରୁ ଚିଠି ପାଇ ନ ଥିଲା । ବାଆଁ ଆଖିଟା ୪ଦିନ ଧରି ଫରକୁ ଥିଲା, ରାତିରେ ସ୍ୱପ୍ନ ଦେଖିଛି । ସେ ଆଉ ଏତେ ଶୀଘ୍ର ରମାକୁ ଦେଖିବ ବୋଲି ଭାବି ନ ଥିଲା । ରମା କଟକରେ ଛାପାଖାନାରେ କାମ କରେ । ବରଷେ ଛମାସକେ ଥରେ ଗାଁକୁ ଆସେ । ରମାକୁ ଦେଖିଲାକ୍ଷଣି ମଦନା ମା'ର ମନ ଆଶ୍ୱସ୍ତ ହେଲା । ଆଗ କଥା ତାର ପାସୋରି ଗଲା ।

ସେଇଠି ସେ ଠିଆ ହୋଇ ରମା ପହଞ୍ଚିବା ଯାଏ ଅପେକ୍ଷା କଲା । ରମାର ପଛେ ପଛେ ଗୋଟିଏ କନେଷ୍ଟେବଲ ଲାଲି ପଗଡ଼ିଆ କଣ ଦିଟା ସିଧା ସିଧା ଠିଆ ହୋଇଛି, ଆଗ ପଛ ହୋଇ ଦି ଜଣ ଯାକ ମାଡ଼ି

Digitized by srujan ka@gmail.com

ଆସୁଛନ୍ତି, ଆଉ ଟିକିଏ ଆଗେଇ ଆସିବା ପରେ ଦେଖାଗଲା, କନେଷ୍ଟବଲଟି ଦଉଡ଼ିଟିଏ ହାତରେ ଧରିଛି । ମଲା ମଲା ! ସେ ଦଉଡ଼ିଟା ତ କ'ଣ ସୁମା ଅଣ୍ଟାରେ ବନ୍ଧା ! ମଦନା ମାର ଛାତିଟା ଦାଉଁ କିନା ଫେଡ଼ି ଉଠିଲା । 'ମୋ ସୁମାରେ' 'ମୋ ସୁମାରେ' 'ଏ କି କଥାରେ' 'ଅରେ ଏ କି କଥାରେ' ବୋଲି ମଦନା ମା ସୁମା ଆଡ଼କୁ ଧାଇଁଗଲା । ସୁମା ଭେଁ କିନା କାନ୍ଦି ଉଠିଲା ।

ବୁଝୁ ବୁଝୁ ଜଣାଗଲା ସୁମା ଯେଉଁ ଛାପାଖାନାରେ କାମ କରେ ସେଠା ମାଲିକର ଘରୁ ୪ମାସ ତଳେ କେତେକ ସୁନା ଗହଣା ଚୋରି ଯାଇଥିଲା । ଏବେ ସେଥିରୁ କେତେକ ସେ ଛାପାଖାନା କର୍ମଚାରୀ-ମାନଙ୍କ ଘରୁ ବାହାରିଛି । ସେମାନେ ସବୁ ଧରା ହୋଇଛନ୍ତି । ସନ୍ଦେହରେ ସୁମା ନାମରେ ଶୁଣା ଯିବାରୁ ସେ ମଧ୍ୟ ଧରା ହୋଇଛି । ଘର ଖାନ-ତଲାସ ହେବ ।

ଗାଁର ଲୋକେ ଜମା ହୋଇଗଲେ । ମଦନା ମା ଘର ଖାନତଲାସ ହେଲା । ଘର ଦ୍ୱାର ସବୁ ଖୋଲା ତଡ଼ା ହୋଇ ଅସ୍ତବ୍ୟସ୍ତ ହେଲା । ଅନେକ ଜିନିଷ ମିଳିଲା, ସୁମାର ପିଲାଦିନର ଗୋଟିଏ ହାତଖଡ଼ୁ ୧୦ ବର୍ଷ ହେବ ହଜିଥିଲା, ଏହି ଏକା ଖାନତଲାସବେ ତାହା ମୁଷା ଗାତର ଗମ୍ଭୀରତମ ପ୍ରଦେଶରୁ ମିଳିଲା । ମଦନା ମାର ଖଣ୍ଡେ ଖଣ୍ଡିଆ ଲୋଟା ୩ବର୍ଷ ହେବ ହଜିଥିଲା, ବାରପଟ କୁହୁଁରୁ ତାହା ମଧ୍ୟ ମିଳିଲା । କେତେ ସିଲଟ ଖଡ଼ୀ, ମାର୍ବଲ ଗୋଲି, ପାଟ ଫୁଲ, କାଚ କଣ୍ଠି ଯାହା ଅନେକ ଦିନରୁ ହଜିଥିଲା, ଆଜି କେଉଁ ପୁଣ୍ୟବଳରୁ ସବୁ ଏକାଧାରରେ ମିଳିଗଲା, ମାତ୍ର ସୁନା ଗହଣାର ଦେଖା ନାହିଁ ।

କନେଷ୍ଟବଲ ବାବୁ ଖୋଜି ଖୋଜି ଥକି ଗଲେ । ଶେଷକୁ ହକ୍‌ଦାର ହୋଇ କହିଲେ "ଦେଖ୍ ମଦନାମା, ଦଶଣୋଟି ଟଙ୍କା

Digitized by srujan ka@gmail.com

ଯୋଗାଡ଼ କରି ପାରିବୁ ତ ପୁଅ ତୋର ଖଲାସ ପାଇବ ।" ମଦନା ମା ଅପଦ ଗଣିଲା । ଦଶ ଦଶୁଟା ଟଙ୍କା ଏ ଗାଁରେ କାହିଁ ମିଳିବ ? ସବୁ ଦୁଃଖୀ ରଙ୍କୀଙ୍କର ଘର । ଥିଲେ ଅବା ନେତ ପାଖରେ ଥାଇ ପାରେ । ସେ ତ ବଡ ଲୋକର ଝିଅ, ପୁଣି ସକାଳୁ ଯାହା ଘଟି ଯାଇଛି ତା ପରେ ତା ଘରକୁ ଯିବାକୁ ତ ମରଣରୁ ଗରୁ ଲାଜ । କ'ଣ କରିବ, କିଛି ବୁଦ୍ଧି ଦିଶୁନାହିଁ । ଏଣେ ଟଙ୍କା ନ ହେଲେ ଯେ ପୁଅ ଅଣ୍ଡାରୁ ଦଉଡ଼ ଫିଟିବ ନାହିଁ । କାତର ଗୃହାଣୀରେ ମଦନା ମା କନଷ୍ଟେବଳ ବାବୁଙ୍କୁ ଅନାଇଲା । ବାପ ଲୋ ! ସେ ଯେଉଁ କଲିସ୍ ପତରିଆ କଣ, ସିଧା ସଳଖ ଠିଅଟା ହେଲାପରି ଦିଶୁଛି, ଭୟରେ ତାର ଅନ୍ତସ୍ଥଳ କମ୍ପି ଉଠିଲା ।

କହିଲା "ବାବୁ ଚାଲ ଗାଁ ମୁଣ୍ଡକୁ, କାହାଘରୁ ଧାର ଉଧାର କରି ଆଣି ଦେବି ।" ବାବୁ ତହୁଁ ମଦନା ମା'କୁ ଧରି ଗାଁ ମୁଣ୍ଡ ଆଡ଼କୁ ଚାଲିଲେ । ସଙ୍ଗେ ସଙ୍ଗେ ଗାଁ ଯାକ ଲୋକ, ଆଗେ ଆଗେ ମଦନା ମା, ଏତେବେଳକୁ ରଥିଆ କୋଉଠି ଥିଲା ଏଇ ସୁଯୋଗ ପାଇ ଧାଇଁ ଆସି କହିଲା "ବାବୁ ! ବାବୁ ! ରକ୍ଷାକର, ଏ ଯଦୁ ବାକ୍ଷିତ ଅଜ ମତେ ପ୍ରାଣରେ ମାରି ପକେଇ ଥାନ୍ତା, ଆପଣ ମା ବାପ ଧର୍ମ ବ୍ରହ୍ମାମଣା ହେଉ ।"

କନଷ୍ଟେବଳ ବାବୁ ଦେଖିଲେ ଏ ମଧ୍ୟ ଏକ ସୁଯୋଗ । କହିଲେ "ଚାଲ ଚାଲ, ବୁଝିବା" । ସମସ୍ତେ ଏକଯୁଟ ହୋଇ ଗାଁ ମୁଣ୍ଡ ଆଡ଼କୁ ଚାଲିଲେ, ରଥିଆ ଆଗେ ଆଗେ ବାଟ କଢ଼ାଉଛି, ତା ପଛରେ ମଦନା ମା, ତା ପଛରେ ଗ୍ରାମା ଓ ତା ପଛରେ କନଷ୍ଟେବଳ ବାବୁ, ଗାଁ ସାରା ସବୁ ପଛରେ ଗୋଡ଼ାଇଛନ୍ତି, ଗାଁ ସାରା ଗହଳ, ଧୂଳି ଉଡ଼ ଆକାଶକୁ ଉଠିବାକୁ ଆରମ୍ଭ କରିବା ଉପରେ ।

Digitized by srujan ka@gmail.com

ତେଣେ ଗାଁକୁ କନଷ୍ଟେବଲ ଅସିବା ବେଳୁ, ଯଦୁ ବଗୁଲିର ମହାବ୍ୟସ୍ତ ହେଲଣି । ରଥିଆ ଠା ସକାଳୁ ସତ ଯେବେ କନଷ୍ଟେବଲ ବାବୁଙ୍କୁ କହି ଦିଏତ ତା ଦଶା କ'ଣ ହେବ କେଜାଣି ! ସେ ଖାଲି ଘର ଭିତରେ ରହି, ଜଳାକବାଟି ବାଟେ ବାହାରକୁ ଚାହିଁ ଥାଏ । ଯେତେବେଳେ ଦୂରରୁ ଦେଖିଲା ଯେ ରଥିଆ, ମଦନା ମା ଓ କନ-ଷ୍ଟେବଲ ସାରା ଗାଁକୁ ସଙ୍ଗରେ ଧରି ତାରି ଘର ଅଡ଼କୁ ଆସୁଛନ୍ତି, ତାର ବୁଦ୍ଧି ବିବେକ ସବୁ କୁଆଡ଼େ ହଜିଗଲା । 'ଏ ନ ଥିଲି ବୋଉ' 'ଏ ନ ଥିଲି ବୋଉ' ବୋଲି ନେଢକୁ ହୁଏ ପକାଇଲା । ନେଢ ପଖାଳ କଂସାଏ ଧରି ସେବା କରିବାକୁ ବସିଛି, 'କାହିଁକି ପାଟିଂଆଏ କରୁଚ ମ' କହି କଂସା ପାଖରୁ ଉଠି ଅସି ଦେଖେ ତ ଗାଁ ସାରା ତାରି ଘର ଅଡ଼କୁ ଧାଇଁ ଛନ୍ତି । ଯଦୁ କହିଲା "ମତେ ଜଣା ପଡ଼ୁଛି ମଦନା ମା ଅଉ ରଥିଆ ଦହେଁ ମିଶି ମୋ ନାମରେ ତ ସତ ମିଛ ଯୋଖିଯାଖି ଲଗେଇ-ଛନ୍ତି । ଦେଖୁନୁ ଅଗେ ଅଗେ ଦିଜଣ କସିତ ଦମାକଡ଼ରେ ଛୁଟିଛନ୍ତି ।" ନେଢ ବଗୁରିଲା "ସତେତ," ଦୁଇ ପ୍ରାଣୀ ବିଚଗ୍ରିତରେ ହୋଇ ଦୁଆରେ ତାଲି ଠୁକି ବାହାରି ପଡ଼ିଲେ ନଈକୂଳ ଅଡ଼କୁ, ସେ ଅଡ଼ୁ ରଥିଆ ହୁରି ଛଡ଼ିଲା "ନଦୁ ! ହେ ଯଦୁ" ଯଦୁ ବଗୁଗ୍ରିର ଲୁଗା ମାରି । ନେଢର ଟିକିଏ ଦମ୍ଭ ଥାଏ, ଏଢକବେଳକୁ କନଷ୍ଟେବଲ ବାବୁ ଟିକିଏ ଦୃଢ ମିଶା ସ୍ୱରରେ କହିଲେ "ଠଇରୋ" ।

ସିପିଢ ଏ କର୍ଣ୍ଣ ରସାୟନ ମନ୍ତ୍ର ପଦକ କାନରେ ବାଜନ୍ତି, ବାଣୁଆ ବାଣ ବାଜ ହରିଣୀ ଯେପରି ଦୌଡ଼େ ନେଢ ଅଉ ଯଦୁଙ୍କର ନେ ଦଉଡ଼ା ! କନଷ୍ଟେବଲ ବାବୁ ଭାବିଲେ 'ଅରେ ବାଃ, ଖେଲତ ପାଗଲା । ବେଶ୍ ଦୁଇ ପଇସାର ଅଶା ତ ଦିଶୁଛଣି' । ସେ ରଥିଆ ହାତରୁ ସମା ଅଣ୍ଟାର ଦଉଡ଼ଟା ଧରାଇ ଦେଇ, ଝପଟିଲେ । କନଷ୍ଟେବଲ

Digitized by srujan ka@gmail.com

ବାବୁଙ୍କ ଦୌଡ଼ଧା ଦେଖି ଯଦୁର ହାତ ପାଦ ଅଖାଡ଼ ହୋଇ ଆସିଲା । ଏତିକବେଳକୁ ଗୋଟାଏ ପବନର ଝଲକା ସେ ଅଡ଼ୁ କେଜାଣି ଚମ୍ପଛ ବାହ୍ମ ଆସିଲା; ଯଦୁ ବଚରା ଏକେଥ ମୋଟା ଲୋକ, ଦ୍ୱିତୀୟରେ ଯଖମ ଗୋଡ଼ରେ ବନ୍ଧୁକ ଧାଇଁ ଧାଇଁ ଥକି ପଡ଼ିଲାଣି, ତେଣେ ମୋଟା ପଖାଳ-କେରଆ ଲୁଗା ଖଣ୍ଡେ ପିନ୍ଧିଥିଲା ତ, ସଫା ଦିଗମ୍ବର ମୂର୍ତ୍ତି ହୋଇ ପଡ଼ିଲା, ଭୟରେ ପେଟଟା ମଧ୍ୟ ଟିକିଏ ଚଳିଗଲା । ମାତ୍ର ଲୁଗାଟା ସଫା ଭୂଇଁରେ ଝପି ପଡ଼ିଲା । ବୁଢ଼ା ବଳଦ ପରି ଯଦୁ ଭୂଇଁରେ ପଡ଼ି ରହି ଧକେଇବାକୁ ଲାଗିଲା ।

ନେଡ କାଳୁ ଦୁଃଶାସନ ଗୋଡ଼ାଉଥିଲା ବେଳେ ଦ୍ରୌପଦୀ ଯେପରି ଦୌଡ଼ୁଥିଲେ ସେହିପରି ଦୌଡ଼ ଚାଲିଛି । ଏତିକିବେଳକୁ କନଷ୍ଟେବଲ ବାବୁ ଆସି ଯଦୁ ବରୁବାକୁ କାନ ଧରାଇ ଠିଆ କରାଇ ସାରିଲେଣି । ଯଦୁ ଅତି କଷ୍ଟରେ ଲୁଗାଟାକୁ ଦେହରେ ଗୁଡ଼ାଇ ହୋଇ କରେଡ଼ା ପରି ଠିଆ ଥରୁଛି । ନେଡ ଦୂରରେ ଠିଆ ହୋଇ ଭୟଭୀତ ଭାବରେ ଦେଖୁ-ଥାଏ, ପାଖକୁ ଆସିବାକୁ ସାହାସ ହେଉ ନ ଥାଏ । ରଥିଆ ଏତିକି ବେଳକୁ ରାମାକୁ ଛାଡ଼ ଯଦୁ ପାଖରେ ହାଜର, ରାଗରେ ତାର ସର୍ବାଙ୍ଗ ଜଳୁଛି ।

ଠିକ୍ ଏତିକିବେଳକୁ ରାମା ଶାଳ ପରି କେଉଁ ଅଡ଼କୁ ଯେ ଚମ୍ପଟ୍ ଦେଲା ତାର କେହି ପତ୍ତା ପାଇଲେ ନାହିଁ । କନଷ୍ଟେବଲ ବାବୁଙ୍କ ତ ଆକଲ୍ ଗୁଡ଼ୁମ୍ । ଯଦୁକୁ ଛାଡ଼ ଗାଁ ବାଲାଙ୍କୁ ଧରି ଗାଁର ବଣ ବୁଦା ନଈ ପୋଖରୀ ସବୁ ଖୋଜିଲେ । ଫଳରେ ସେଇ ଅଣ୍ଡା-ବନ୍ଧା ଦଉଡ଼ି ଖଣ୍ଡି ଖାଲି ଗୋଟାଏ ବୁଦାମୂଳରୁ ପାଇଲେ । ରାମାର ପତ୍ତା ନାହିଁ ।

କନଷ୍ଟେବଲ ବଚରା ଡରେ ଥରହର ହେଲେଣି । ଉପାୟ ନ ପାଇ ରଥିଆକୁ ଦୁଇଟା ବୁଢ଼ା ଗୁପୋଡ଼ା ମାରି କହିଲା "କରେ ତାକୁ

Digitized by srujan ka@gmail.com

ଛାଡ଼ିଲୁ କାହିଁକି ।" ରଥିଆ ଚଟେ ଅବାକ୍ । ଆଖି ଗୁଡ଼ାଏ କଲା ତ ? ମାତ୍ର ରଥିଆ ତାହିଁ ଶୁଣିଥାଏ ଯେ କନଷ୍ଟେବଲମାନଙ୍କୁ ମାରିଲେ ସେମାନେ ପଦାରେ ଛାଡ଼ିବେ ନାହିଁ । କହିଲେ ତାଙ୍କ ଚାକିରୀ ଯିବ । ହୁଣ୍ଡା ଲୋକଟ ! ଥିଲା ଥିଲା, ଏକା ଯାବୋଡ଼ାରେ କନଷ୍ଟେବଳର, ପଗଡ଼ିଟା ନିକାଳି ଦେଲା । ସେହି ପଗଡ଼ିରେ ତାକୁ ପାଖ ବରଗଛରେ ବାନ୍ଧି ପକାଇ ବିଧା ଗୋଇଠା ଯେତେ ଯାହା ତାକୁ ମାରି ଅପେ ମାରି ମାରି କନଷ୍ଟେବଲ ବିଚରାକୁ ଅଧାପ୍ରାଣ କରି ପକାଇଲା ।

ଗାଁର ଲୋକେ ଏ କାଣ୍ଡ ଦେଖି ଘରେ ଦୁଆର କିଳି ପଶିଲେ । ଯଦୁ ପିଣ୍ଡରେ ପ୍ରାଣ ପଶିଲା । ସେ ବିଚରା ନେଉଛକୁ ଦେଇ ଗମ୍ଭୀର ଘରେ ଲୁଚିଲା । ମାତ୍ର ମାରି ଯେତେବେଳେ ରଥିଆର ରାଗ ଟିକେଟିକେ ଶାନ୍ତ ହେଲା, ତା ମନରେ କ'ଣ ଭୟ ହେଲା କେଜାଣି, ହଠାତ୍ ସେଠାରୁ ଯାଇ ଘରୁ ଖଣ୍ଡିଏ ଚାଦର ଧରି ଗାଁରୁ ବାହାରି ଗଲା । କନଷ୍ଟେବଲ ବିଚରା ଗଁ ଗଁ ହୋଇ ପଡ଼ିଥାଏ, କେତେବେଳ ପରେ ଗାଁର କେହି ଆସି ତାକୁ ଫିଟେଇଦେଲେ ।

ବିଚରା ପ୍ରାଣ ଭୟରେ ଚାଲିଗଲା । ଶୁଣାଯାଏ ଥାନାରେ ଯାଇ କହିଲା ଯେ ରମା ଘର ତଲାସ କରିବାରେ କିଛି ମାଲ ନ ମିଳିବାରୁ ସେ ରମାକୁ ଛାଡ଼ି ଦେଇଛି, ସେଥିଲାଗି ତାକୁ କିଛି ଦଣ୍ଡ ମଧ୍ୟ ଭୋଗିବାକୁ ହେଲା ।

Digitized by srujan ka@gmail.com

—ଗୁପ୍ତ—

ସ୍ୱମାତ ଖସି ପଳାଇଲା, ଏବେ ଲୁଚେ କୁଆଡ଼େ ? ଗୃହଅଡ଼ତ ପଦା, ଯେଉଁଆଡ଼େ ଗଲେ ସରକାରଙ୍କେ ତ ଧରି ନେବେ । ବହୁତ ବର୍ଷର ଗୋଟାଏ ବୁଦାମୂଳେ ବସି ଅଣ୍ଟାର ଦଉଡ଼ିଟା ଖୋଲି ପକାଇ ଗାମୁଛା ଖଣ୍ଡି ମୁଣ୍ଡରେ ଘୋଡ଼ହୋଇ ଗାଁ ଦଣ୍ଡାମୁଣ୍ଡ ଠାରୁ ପ୍ରାୟ ଶହେ ହାତ ଦୂରରେ ଗୋଟିଏ ଡୋଠାକୁ ପଳାଇଲା । ସେହି ଡୋଠାରେ ଯୋଡ଼ଏ ବର ଓ ଅଶ୍ୱତ୍ଥ ଗଛ ଲଗାଲଗି ହୋଇ ବଢ଼ିଥାଏ । ପ୍ରାଚୀନ କାଳରେ କେହି ଏ ଗାଁର ଏ ଯୋଡ଼ିକ ଗଛ ବିବାହ କରାଇ ଥାପନା କରିଥିଲା । ବଡ଼ ବଡ଼ ଝଙ୍କା ଗଛ ଦଓଟି ହୋଇ ଗଲାଣି, ସେଇ ଗଛ ଉପରେ ଗୋଟିଏ ଯାଗାରେ ଦୁଇଟି ଗଛର ଦୁଇଟି ଡାଳ ମିଶି ସଫା ଗୋଟିଏ ଖଟପରି ହୋଇଛି । ସ୍ୱମା ବସେଇ ଅଗ୍ରମରେ ଯାଇ ସେଇଠି ଶୋଇ ରହିଲା । କନଷ୍ଟେବଲ ଓ ଗାଁବାଲା ସେ ଯାଗା ଯେ ନ ଖୋଜିଲେ ତା ନୁହେଁ, ମାତ୍ର ସେମାନେ ଭୂଇଁ ତଳ, କୁହି ପୋଖରୀ ନଇ ସବୁ ଘିନା ଖୋଜିଲେ, ଗଛ ଉପରକୁ ଆଉ ନଜର କରି ନାହାନ୍ତି, ଯେତେବେଳେ ସେମାନେ ସେ ଗଛମୂଳେ ୨।୩ ଥର ବୁଲି ଆସିଲେ ସ୍ୱମାର ଦେହ ବରଡ଼ା ପତ୍ର ପରି ଥରୁଥାଏ, ମାତ୍ର ସେ ଭୁଜ ହୋଇ ପଡ଼ି ରହୁଥାଏ ।

ଘଡ଼ିଏ ଦ ଘଡ଼ି ଗଲାପରେ ଅଉ ଖୋଜାଖୋଜି ଯେତେବେଳେ ବନ୍ଦ ହୋଇଗଲା, ସ୍ୱମାକୁ କଣ୍ଟିନ୍ତରେ ଟିକିଏ ନିଦ ହୋଇଗଲା । କେତେବେଳେ ତା ମୁଣ୍ଡ ଗାମୁଛାଟି ଭୂଇଁ ଅଡ଼କୁ ଓହ୍ଲ ପଡ଼ିଛି ତାକୁ ଜଣାନାହିଁ । କେତେବେଳପରେ ଉଠିଅ କନଷ୍ଟେବଲ ବାବୁଙ୍କୁ ବନ୍ଧାବନ୍ଧି କରି ସେଇ ବାଟରେ ଲସର ପସର ହୋଇ ଯାଉ ଯାଉ ଦେଖିଲା ସେ ଗଛଠାରୁ ଗାମୁଛାଟାଏ ଓହ୍ଲଳଚ, କଅଣଟାଏ

Digitized by srujan ka@gmail.com

ବୋଲି ଚଗୁଲି ଦେଖେ ତ ରାମା ବଡ଼ ଆରାମରେ ଶୋଇଛି । ସ୍ୱଭାବ "ଯ୍ୟାର ଲାଗି ଚିନା କନଷ୍ଟେବଲ ମତେ ମାରିଲା" । ସେ ଗାମୁଛାଟି ଧରି ଝିଙ୍କି ଦେଲା ଓ ବଜ୍ର କର୍କଶ ସ୍ୱରରେ କହିଲା "ଜରେ ରାମା । ଧର ମୁଁ କେଉଁଠାଏଁ ତ ତୁ" ।

ରାମାର ନିଦ ଭାଙ୍ଗିଗଲା, ସେ ଚାହିଁ ଦେଖେ ତ ରଥିଆ ତାର ଗାମୁଛା ଟାଣୁଛି । ଭାବିଲା "ଧରିଲା ତ !" କିଛି ଉପାୟ ନ ଦେଖି ଗୋଟାଏ ବଡ଼ବାହି ଭାଙ୍ଗି ରଥିଆ ଉପରକୁ ଫିଙ୍ଗିଲା । ସେତିକି ବେଳକୁ ଗାମୁଛାଟା ତାର ଖସିଗଲା, ରଥିଆ ତ ବଡ଼ଗୋଟାଏ ଖାଇଲା । ମୁହିଁ ତାର ଉପରକୁ, ଠିକ୍ ତା ନାକ ଉପରେ ବଡ଼ ଡାଳଟା ପଡ଼ିଲା । ନାକଟି ତ ହୁଙ୍ଗୁଳମୟ ହୋଇଗଲା । ରଥିଆ ଅଚେତା ହୋଇ ପଡ଼ିଲା ପରି ପଡ଼ିଥାଏ । ହୁରି କରିବାକୁ ଯୋଗ ବା କାହିଁ ? 'ଗୈରମା ଲାଜେ ନ କାନ୍ଦେ, ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ' ।

କେତେ ସମୟ ପରେ ରାମା ଭାବିଲା, ରଥିଆଟା ଅଉ କଣ ମରି ଗଲା କି ? ଏବେ ତ ଗୈର କେସ୍ ତା ମୁଣ୍ଡରୁ କଟି ନାହିଁ, ତା ଉପରେ ପୁଣି ଏ ଏକ ମଣିଷମାରୁ । "ପାପଙ୍କ ମଧ୍ୟେ ପରମାଦ, ସ୍ତିରୀ ଗର୍ଭିଣୀ ଶିଶୁ ବଧ ।" ତାର ଡର ବହୁତ ବଢ଼ିଗଲା । ବାଧ ହୋଇ ଗଛରୁ ଓହ୍ଲାଇ ରଥିଆର ସେବାରେ ଲାଗିଗଲା । ରଥିଆ ଟିକିଏ ସୁସ୍ଥ ହୋଇ ପଚାରିଲା "ଜରେ ! ମୁଁ ତୋର କଣ କଲି ଯେ ତୁ ମଧ୍ୟ ମତେ ଏତେ ଦଣ୍ଡ ଦେଲୁ ?" ରାମା କହିଲା "ତୁ ପରା ମତେ ଧରିବାକୁ ଆସିଚୁ ?" ରଥିଆ ଦେଖିଲା ଯାହାତ ହେବାର ହେଲାଣି, ରାମା ସାଙ୍ଗେ ଅଉ ବିବାଦ କରି ଲାଭ କଣ ? କହିଲା "ଅରେ, ରାମ ରାମ । ମୁଁ ପରା ତୋର ଲାଗି ସେ ମିଥ୍ୟାଚାଟାକୁ ବରଗଛରେ ବାନ୍ଧି ବାଡ଼େଇଲି । ଚାଲ୍ ଦେଖିବୁ । ଏବେ ମୁଣ୍ଡା ବନ୍ଧା ହୋଇ ପଡ଼ିଚି ।" ରାମା ଏକଥା ଶୁଣି ଭୟ ଓ ବିସ୍ମୟରେ ଅବାକ୍ ହୋଇଗଲା ।

Digitized by srujan ka@gmail.com

ଏତିକି ବେଳକୁ ଦେଖାଗଲା, ଗାଁ ଅରମୁଣ୍ଡ ବାଟେ ଘିପାଘୁଣ୍ଟା ଘେଣ୍ଟାଇ ଘେଣ୍ଟାଇ ଯାଉଛି। ଭୟରେ ଦୁହେଁଯାକ ସେହି ଗଛ ପଛଆଡ଼େ ଲୁଚିଗଲେ। କିଛି ସମୟ ପରେ ପୁଣି ବାହାରି କଥାବାର୍ତ୍ତା ହେଲେ। ରଥିଆ କହିଲା, "ଜାଣିଲୁ ଭାଇ ସମା, ଏ ସବୁ କାଣ୍ଡ ପଛ ସେଇ ମାଇଚିଆ ଯଦୁ ଲାଗି ହେଲା। ଆଜ ସକାଳେ ସେ ଯାହା କଲା! ତୋ ନା'କୁ ପଚାରୁ"। ତହୁଁ ରଥିଆ ସକାଳର ଇତିହାସ ବଢ଼େଇଚଢ଼େଇ ସମା ଆଗରେ କହିଗଲା। ସମା ତ ରାଗରେ ଖୁଣ୍ଟ୍। କିନ୍ତୁ ଉପାୟ କଣ?

ସମା କହିଲା "ଭାଇ, ସବୁ ତ ହେଲା, ଆମେ ଦୁହେଁ ଯେ ଫେରାର୍। ଗାଁକୁ ଫେରିଲେ ତ ଚଳିବ ନାହିଁ। ଆଗ ଏ ଯାହା ସରୁ। ତା ପରେ ଦେଖିବା"। ରଥିଆ କହିଲା "ହଁ ଭାଇ! ବେଳ ଜନେ ପଡ଼ିଛି ସମଦଶା। ତଥାପି ଏ କଣ ଛାଡ଼ିବା କଥା? ପାନେ ନ ଦେଇ ଛାଡ଼ିବା ନା?" ସମା ପଚାରିଲା "କ'ଣ କରିବା?" ରଥିଆ କହିଲା "ମୋ ପାଖରେ ଦଶଟି ଟଙ୍କା ଅଛି। ଏ ପାଖଆଖରେ ଯିବା ଦେଖିଲେ ଲୋକେ ଜାଣିବେ। ଚାଲ ହରମୁର ଅଡ଼କୁ ଚାଲିଯିବା। ସେଠାରେ ଗଣ୍ଡେ ଜଳଖିଆ କରି ସଞ୍ଜବେଳକୁ ଗାଁକୁ ଫେରିବା। ରାତିରେ ତାଙ୍କ ଘରେ ପଶି ଦୁଇ ପ୍ରାଣୀଙ୍କୁ ବାନ୍ଧି, ଠାକୁ ଛେଚିବା। ତା ପରେ କହିବା, ଦେ ଟ ୫୦୦ ଙ୍କା ଦେ। ନ ଦେବା ଯାଏ ତ ଛାଡ଼ିବା ନାହିଁ। ଟଙ୍କା ପଚାଶଟି ହାତରେ ପକାଇ, ତା ପରେ ଯେଉଁଆଡ଼କୁ ଆଖି ପାଇବ ଚାଲିଯିବା"। ସମା ରଥିଆର ଏ ବୁଦ୍ଧିକୁ ବଡ଼ ପ୍ରଶଂସା କଲା। ସେଇ ବଟୋଇ ସ୍ଥିର ହେଲା। ସଞ୍ଜ ବେଳକୁ ଦୁଇ ପ୍ରାଣୀ କଳାଗୁଡ଼ାଏ ବୋଳି ହୋଇ ଯଦୁ ଘର ପଛ ଆଡ଼େ ଲୁଚି ରହିଲେ।

Digitized by srujan ka@gmail.com

—ପାଞ୍ଚ—

ସେ ଦିନ କନଷ୍ଟେବଲ ଗଲା ପରେ ମଦନା ମା ଗାଁ ସାରା ରାମାକୁ ଖୋଜି ବୁଲିଲା । ପିଲାଦିନେ ରାମା ରୁଷିଲେ କି ରାଗିଲେ ସେହି ବର ଅଶ୍ୱତ୍ଥ ଗଛ ଡାଳ ଉପରେ ଯାଇ ବସେ । ଶେଷକୁ ସେଇଠାକୁ ଗଲା । ସେଠି ପହଞ୍ଚି ଦେଖିଲା ତାହି ଖଣ୍ଡେ କାଗଜ ପଡ଼ିଛି ଓ ଝୁଲିଯାଇ ଚକ୍ତି । ସେ ତ କାନ୍ଦବୋବାଳି ଆରମ୍ଭ କରି ଦେଲା । କାହିଁ କାନ୍ଦି ଡାକ କରି ଉଠିଲା । ଗାଁର ଅନେକ ଲୋକ ତାକୁ ବୁଝା ସୁଝା କରି ଘରକୁ ନେଲେ । ସଞ୍ଜବେଳେ ଯାଇ ମଦନା ମା ଗାଁ ମୁଣ୍ଡ ମହାଦେବଙ୍କ ଦୁଆରେ ଅଧିଆ ପଡ଼ିଲା । ମାଇଚିଆ ଯଦୁ ସଞ୍ଜବତୀ ଦେବାକୁ ଆସି ମଦନାମା'କୁ ଦେଖି ପଳାଇଲା । ପଛେ ପଛେ ନେଳି ଆସିଲା । ସେ ମଦନାମା'କୁ ବହୁତ ବୋଧବାଧ କରି କଥା ଛଳରେ ସକାଳର ଘଟଣା ସବୁ ବୁଝାଇ ଦେଲା ।

ସଞ୍ଜପରେ ମଦନା ମା ଘରକୁ ଗଲା । ଯଦୁ କହିଲା "ମୁଁ ଆଜି ଖାଇବି ନାହିଁ" । ଦିନଯାକର ଭୟ ତାର କଟି ନାହିଁ । ନେଳି କଂସାଏ ପଖାଳ ଭାତ ଠୁଙ୍କି ଦେଇ ଶୋଇବାକୁ ଗଲା । ଯଦୁ କହିଲା "ମତେ ବଡ଼ ଡର ମାଡ଼ୁଛି । ସେ ସିପାହୀ କାଲେ ରାତିରେ ଆସି ଧରି ନେବ ।" ନେଳି କହିଲା "ତମର ସବୁ କଥାରେ ଡର, ଶୋଇପଡ଼ ।" ଯଦୁ କହିଲା "ନା ମୋ ମନଟା କେମିତି କେମିତି ହେଉଛି ।" ନେଳି ପଚାରିଲା "ଆଜି କ'ଣ କରିବ ? ଏ ଗାଁରେ କିଏ ଅଛି ଯେ ଆସି ଆମଘରେ ଶୋଇବ ?" ଯଦୁ କହିଲା "ଗୋଟେ କଥା କର; କପିଳା'କୁ ଆଣି ଦୁଆର ମୁହଁରେ ବାନ୍ଧି ଦେ ।" କପିଳା ମଇଁଷିଟା ବଡ଼ ଦୁଷ୍ଟ । ଯଦୁ ଭାବେ, ଭଡ଼ଭଡ଼ୁ କପିଳା ସଙ୍ଗରେ ଥିଲେ ଆଉ ଆପଦ ନାହିଁ । ନେଳି କପିଳାକୁ ଆଣି ଦୁଆରବନ୍ଧ ପାଖରେ ବାନ୍ଧିଦେଲା । ଦୁଇ ପ୍ରାଣୀ ଖଟ ଉପରେ ଶୋଇ ପଡ଼ିଲେ ।

Digitized by srujan ka@gmail.com

ରାତି ଅଧ । ଗାଁ ଶୁନଶାନ୍ । ଯଦୁ ଦୁଆରେ କିଏ ବାଡ଼େଇଲା ! ଯଦୁର ନିଦ ବଡ଼ ପାତଳ । ଧପ୍‌କରି ଉଠି ପାଟିଛୁଣ୍ଡ୍ରା ନ କରି ନେଉଳକୁ ଭୁଣ୍ଡାଇ ଧରିଲା—ଖୁବ୍ ଶକ୍ତ କରି । ନେଉଳ ଚମକି ଉଠିଲା, ପଚାରିଲା "ସେ କ'ଣ" ? ଯଦୁ ଚୁପ୍ କରି କହିଲା "କିଏ ଦୁଆରେ ବାଡ଼େଇଛି ଶୁଣ ।" ନେଉଳ ଭୟରେ ଯଦୁକୁ ଭୁଣ୍ଡାଇ ଧରିଲା । ପାଟି ଖନମାରି ଯାଉଛି । ତେଣେ ଦୁଆରେ ଧୁମ୍‌ଧାମ୍ ଝୁପ୍‌ଝାପ୍ ଶବ୍ଦ ।

ଦୁର୍ଯୋଗକୁ ସେ ପୁରୁଣା କବାଟଟା ଧୁମ୍ କିନା ତଳେ ପଡ଼ିଗଲା । କପିଳାଟା ସେଇଠି ବନ୍ଧା ହୋଇଥିଲା; ଧଡ଼ କିନା ଉଠିଲା । ଦୁଆରଟା ତାର ଗୋଡ଼ଉପରେ ପଡ଼ିଲା । କପିଳା ତ ପଘା ଛିଣ୍ଡାଇ ଚଣ୍ଡମୂର୍ତ୍ତି ।

ଯଦୁ ନେଉଳ ଭୁଣ୍ଡାଭୁଣ୍ଡି ହୋଇ କାଠପଟା କାପେଟାଟି ପରି ମିଟିମିଟି ଅନ୍ଧାରରେ ରହିଁ ଥାନ୍ତି । ଘରକୁ କିଏ କାଳିଆ କାଳିଆ ଲୋକ ଦିଟା ପଶି ଆସିଲା ପରି ଦେଖାଗଲା । କପିଳା ତ ଦି ଶିଙ୍ଗରେ ଭୁଷିବାକୁ ଲାଗିଲା । "ମରିଗଲି ଲୋ ।" "ମୋ ଲୁଗାଖଣ୍ଡ ଗଲା" କହି ଜଣେ କିଏ ଚାଲି ମାରି ଦଉଡ଼ ପଳାଇଲା । ଆଉ ଜଣଙ୍କ ଗୋଡ଼ ଉପରେ କପିଳାର ଖୁରା ଚାପି ରହିଥାଏ । ତାର ଯନ୍ତ୍ରଣାରେ ଯଦୁର ମଧ୍ୟ ଦୟା ହେଲା । ମାତ୍ର ଯଦୁର ହାତ ଗୋଡ଼ ଥରୁଥାଏ । ନେଉଳ ଉଠି ଗୋଡ଼ତଳୁ ଡିବିଟା ଆଣି ଦିଆସିଲିଟା ମାରି ଦେଖେ ତ ରକ୍ତାକ୍ତ ହୋଇ ତଳେ ପଡ଼ିଛି ରଥିଆ । କପିଳା ତ ଭୁଷି ଲାଗିଛି । ତରବର ହୋଇ ନେଉଳ ଯାଇ କପିଳାକୁ ଧରି ଅଗଣାକୁ ନେଇଗଲା । ରଥିଆ ବଟର୍ ଲେଙ୍ଗେଇ ଲେଙ୍ଗେଇ କୁଆଡ଼େ ଯେ ପଳାଇଲା ତା'ର ପତ୍ତା ନାହିଁ ।

ନେଉଳ ଯଦୁ ଘଣ୍ଟାଏ ଲାଗି କବାଟଟାକୁ ବସାଇଲେ । ଦଉଡ଼ିଟାଏ ନେଇ ତାକୁ ଅଧ କଣ୍ଟିରେ ବାନ୍ଧି ପଛରେ ପଥରଟାଏ ଲଦିଦେଲେ । ଶୋଇବାକୁ ଗଲାବେଳେ ଯଦୁ କହିଲା "ଦେଖିଲୁ କପିଳାର କରାମତି ? ମୁଁ କଣ କହୁଥିଲି ?"

—*—

Digitized by srujan ka@gmail.com

—ଛଅ—

ମଦନା ମା ସଞ୍ଜବେଳୁଁ ଯାଇ ଘରେ ଅଣିଆ ଅପିଆ ମୁହଁମାଡ଼ି ପଡ଼ି ରହିଲା । ମନେ ମନେ ଠାକୁରଙ୍କୁ ଡାକୁଥାଏ "ପ୍ରଭୁ ହେ, ମୋ ପିଲାକୁ ଘଣ୍ଟ ଘୋଡ଼ାଇ ରଖ"; କେତେବେଳେ ତାକୁ ନିଦ ଲାଗିଗଲା । କାନ୍ଦି କାନ୍ଦି ତାର ଆଖି ଫୁଲିଚି । ସ୍ୱପ୍ନରେ ଦେଖିଲା, ରମାକୁ ବାଘ ଗୋଡ଼ାଉଛି, ହଠାତ୍ ନିଦ ଭାଙ୍ଗିଗଲା । ଖରାବେଳୁଁ ସେ ଗଛମୂଳେ ରକ୍ତ ଦେଖି ତା ମନ ଗୋଟାଏ ଅଜଣା ଆଶଙ୍କାରେ ଉଦ୍‌ଭ୍ରାନ୍ତ ହୋଇ ଉଠିଥାଏ । "ସତେ କଣ ରମା ଆଉ ନାହିଁ ? ସତେ କଣ ଡାହୁ ଠା ଭାଙ୍ଗି ତା' ଉପରେ ପଡ଼ିଗଲା, ସେ ଜଖମ ହୋଇ ଘୁସୁରି ଘୁସୁରି ଯାଇ କେଉଁଠାରେ ପ୍ରାଣ ହରାଇଲା ? ପ୍ରଭୁ ହେ ! ଏତେ ବଡ଼ ଦଣ୍ଡ ଦଅନା ।"

ଠିକ୍ ଏତିକିବେଳେ କିଏ ଦୁଆରେ ବାଡ଼େଇଲା । ରମା ମା ଭାବିଲା ଏତେ ରାତିରେ କିଏ ଦୁଆରେ ବାଡ଼ଉଚି । ଭୂତ କି ! ଡିବିଟା ଲଗାଇ ଦୁଆର ଖୋଲି ଦେଖେ ତ କଳା ମଚ ମଚ ଲଙ୍ଗଳା ଲୋକଟାଏ, ସାକ୍ଷାତ୍ ରମା ପରି । ଦେହଯାକ ଜଖମ । ମଦନା ମାର ଆଖି ଯୋଡ଼ାକ ମାଲିଆ ଗିନା ପରି ବିସ୍ଫାରିତ ହୋଇଗଲା । "ମାଲୋ ! ଭୂତ ଲୋ" ବୋଲି କହି ଗଛ କାଟିଲା ପରି ତଳେ ପଡ଼ିଲା । ମଦନାର ନିଦ ଭାଙ୍ଗିଗଲା । ସେ ମଧ୍ୟ ଅବସ୍ଥା ଦେଖି ଆଉ ଉଠିବାକୁ ସାହସ କଲା ନାହିଁ । ରମା ଏକଦମ୍ ଅବାକ୍ । ମା'ର କାନ ନାକ ଫୁଙ୍କି ଚେତା କରାଇଲା । କେତେବେଳକୁ ମଦନା ମା ଆଖି ମେଲି ଚାହିଁଲା । ପୁଣି ସେହି ରୂପ ! ମଦନା ଏତେବେଳକୁ ରମାର ସ୍ୱର ବାରି ପାରିଲାଣି । ଉଠି ଆସି କହିଲା "ଭାଇ, ତୁମେ ପୋଛିପାଛି ହୋଇ ଲୁଗା ଖଣ୍ଡେ ପିନ୍ଧ ଆସ । ମୁଁ ବୋଉକୁ ଦେଖୁଛି" । ରମା ଅଗଣାକୁ ଯାଇ ପାଣିରେ ଧୋଇ-

Digitized by srujan ka@gmail.com

ଧାଇଁ ହେଲା । ଖଣ୍ଡେ ଗାମୁଛ ଅଣ୍ଟାରେ ଗୁଡ଼ାଇ ଦେଇ ବୋଉକୁ ସାଷ୍ଟାମ କରିବାକୁ ଲାଗିଲା ।

କେତେବେଳକୁ ମଦନା ମା'ର ଚେତନ ଉଦୟ ହେଲା । ପୁଅକୁ ଫେରିପାଇ ତାର ମନ କୁଣ୍ଢେ ମୋଟ ହେଲା । ପ୍ରାୟ ୧୫ ମିନିଟ ପରେ ଦୁଆରେ ଡାକ ପଡ଼ିଲା "ରାମାରେ ! ମଦିଗଲୁ ରେ" । ରଥିଆର ପାଟି ବାରି ରାମା ଦୁଆର ଫିଟାଇଦେଲା, ସମସ୍ତେ ମିଶି ରଥିଆକୁ ହେଫାଜତ କଲେ ।

ମଦନା ମା'ର ଗୋଡ଼ ପାଞ୍ଚ ହାତେ ପଡ଼ୁଚି । ସେ ଧାଇଁ ଯାଇ ପଖାଳ କଂସାଏ ବାଢ଼ିଆଣି ଦୁଇ ଜଣଙ୍କୁ ଖାଇବାକୁ କହିଲା । ଖାଇ ବସିଲା ଠାରେ ରାମା ଓ ରଥିଆ ମିଶି କାର୍ଯ୍ୟ ପନ୍ଥା ସ୍ଥିର କଲେ । ମଦନା ମା ଦୁହିଁଙ୍କର ବିବରଣ ଶୁଣି ରଥିଆକୁ ବହୁତ ଗାଳି ଦେଲା । "ତୋର ଲାଗି ମୋ ପିଲାଟା ଏତେ ଦଶା ହୋଇଗଲା । ଯଦୁ ଗୋସେଇଁ କିଏ କାହାର ସୁଖଦୁଃଖରେ ନ ଥାଏ । ତମେମାନେ ଯାଇ ତା ଘରେ କାହିଁକି ପଶିଲ ? ଆରେ ସେ ପରା ଠାକୁରଙ୍କ ପୂଜାରୀ ! ବଳଦ ମଇଁଷି ଏ ସବୁ ପରା ଠାକୁରଙ୍କ ବାହାନ, ଠାକୁରେ ସେ ମଇଁଷିକୁ ପଠାଇ ତମକୁ ଭଲ ଏ ଶାସ୍ତି ଦେଲେ ।" ରଥିଆ କହିଲା "ରାମା ବୋଉ ! କାଲି ସକାଳେ ଯଦୁ ଗୋସେଇଁ ତମକୁ କେତେ ହଟହଟା ନ କଲେ ! ତମର ରାଗରେ ସିନା ଆମେ ତା ଘରେ ପଶିଥିଲୁ । ତମେ କଣ ଆଜି ଓଲଟା ଗାଉଛ ?" ମଦନା ମା ତହୁଁ ନେଡ ପୋଲୁ ବୁଝି-ଥିବା କଥା ସବୁ ବୁଝାଇ କହିଲା । କଥାଟା ଶୁଣି ରାମାର ମନ ଟିକିଏ ଶାନ୍ତ ହେଲା । ମାତ୍ର ରଥିଆର ରାଗଟା ତ ଅନ୍ୟ କାରଣରୁ । ତା ମନ ମାନୁଛି କେତେକେ ? ସେ କହିଲା "ମିଛ କଥା, ସବୁ ମିଛ । ଏତେ-

Digitized by srujan ka@gmail.com

ବେଳକୁ ଯଦୁ ଗୋସେଇଁ ଘର ମିଛ କହି ପାର ହୋଇଯିବାକୁ ବସିଛି ।”
ମଦନା ମା ରାଗିଯାଇ କହିଲା, “ତୁ ଯେମିତି ଲୋକ, ସଂସାରକୁ ସେମିତି ମଣୁଛୁ । ଯଦୁ ଗୋସେଇଁ ଶ୍ରେଷ୍ଠ ଲୋକ, ସେ ମନସାଧରେ ଯାଉଥିଲା, ମୋ ସାଙ୍ଗେ କଥା କହିବାକୁ । ପିଲାଟା ଜାଣେ ନାହିଁ, ଭୁଲ୍‌ରେ ମତେ ଧରି ପକାଇଲା । ଭୁଲ୍ କାହାର ନାହିଁ । ଏଇଥିପାଇଁ ତାକୁ ମୁଣ୍ଡକଟା ଶାସ୍ତି” ।

ରଥିଆ ଦେଖିଲା ଏ ବିଷୟରେ ଆଉ ମଦନା ମା ସଙ୍ଗେ ତର୍କ କରି କିଛି ଲାଭ ନାହିଁ । ସେ କହିଲା “ହଉ ଯାହା ହେବାର ତ ହେଲା, ଏବେ ପୁଲିସ ତ ରାମାର ଓ ମୋର ପଛରେ ଲାଗି ଲାଗି ଆମକୁ ଯେମିତି ହେଲେ ଧରିବ, ଏବେ ଉପାୟ କଣ” ? ମଦନା ମା କହିଲା “ତୁ କଣ କହୁଛୁ ଯେ ?” ରଥିଆ କହିଲା “ମୋ ଶଶୁରଘରେ ଆମେ କୋଉ ଗଡ଼-ଜାତକୁ ଚାଲିଯିବା । ସେଠାରେ ରହି କାମକରି ଘରକୁ ଟଙ୍କା ପଠା-ଇବା । ସେଠାରେ ଅଉ ପୁଲିସ କ’ଣ କରିବ ?” ମଦନା ମା କହିଲା—
“ତୋର ଇଚ୍ଛା ହେଲେ ତୁ ଯା । ରାମା ମୋର ଯିବ ନାହିଁ, ନିର୍ଦ୍ଦୋଷରେ ଥିଲେ ପ୍ରଭୁ ତାକୁ ଖଲାସ କରିଦେବେ । ଦୋଷରେ ଥିଲେ, ଯେଉଁଠି ଗଲେ ଦଣ୍ଡ ମିଳିବ । ଏଥିପାଇଁ ଏତେ ଡର କାହାଁକି ?”

ରାମାର ଏ ଦଦନ ଦହଗଞ୍ଜ ପରେ ଅଉ କେଉଁ ଆଡ଼କୁ ପାଦ ପକାଇବାର ମନ ନ ଥିଲା । ମା’ର କଥା ତା ମନକୁ ପାଇଲା । ଅଗତ୍ୟା ରଥିଆ ବିଚରା ଏକୁଟିଆ ପଡ଼ିଗଲା । ମାତ୍ର ତାକୁ ଯେ ନ ପଳାଇଲେ ନ ହୁଏ, ସେ ଯେ ସିପାହୀକୁ ମାରିଛି ।

ରାତି ନ ପାହୁଣୁ ରଥିଆ ଛୋଟେଇ ଛୋଟେଇ ସେ ଗାଁରୁ ବାହାରି ଗଲା । ରମା ଘରେ ଶୋଇଲା ।

Digitized by srujan ka@gmail.com

—ସାତ—

ରାତି ପାହିଲା ବେଳକୁ ରଥିଆ ଯେତେବେଳେ ଛେଳେଇ ପ୍ରାୟ ଦୁଇ ମାଇଲ ବାଟ ଚାଲି ଯାଇଛି । କପିଳାର ଖୁଆଣ୍ଟା । ତାର ଗୋଡ଼ର ଯେଉଁ ଜାଗା ଉପରେ ପଡ଼ୁଥିଲା, ସେଠାରେ ଗୋଟିଏ ସଙ୍ଗ ମନ୍ଦାର ଫୁଲ ଫୁଟି-ବାର ଶୋଭା ବେଶ୍ ପରିସ୍ଫୁଟ ହୋଇଥାଏ । ଶୀତ ଦିନ, କାକର ଝିରିଝିରି ଝରୁଛି, ସୂର୍ଯ୍ୟକିରଣଟା ଦେହକୁ ବଡ଼ ଆରାମ ଲାଗୁଛି ।

ହଠାତ୍ ଗୋଟାଏ ଦୃଶ୍ୟ ଦେଖି ରଥିଆ 'ଥ' ପରି ହୋଇ ବସି ପଡ଼ିଲା । ଅର୍ଥାତ୍ ଗୋଟାଏ ସୁଦୂର ମକ୍କା କ୍ଷେତରେ ଗୋଟାଏ ସାହେବ ବାଡ଼ ଖଣ୍ଡିଏ ଧରି ଠିଆ ହୋଇଛି । ରଥିଆ ଭାବିଲା, ସିପାହୀକୁ ମାରି-ଥିବାରୁ ସାହେବ ରାଗି ବାଡ଼ ଧରି ରଥିଆକୁ ମାରିବାକୁ ଲାଗିଛି । ରଥିଆର ପାଟି ଖନ ମାରିଯିବା ଉପରେ । ଜଣେ ଖାକି କୋଟପିନ୍ଧା ବାବୁ ସେ ବାଟେ ଯାଉଥିଲେ । ରଥିଆର ଦଶା ଦେଖି ତାଙ୍କ ମନଟା ତରଳି ଗଲା । ପ୍ରକୃତ କଥା ହେଉଛି—ବାବୁଟି ଆସାମ ଚାହା ବଗିଚାର ଜଣେ କୁଲି ସର୍ଦ୍ଦାର । ତାଙ୍କର କାର୍ଯ୍ୟ ହେଉଛି ଚ ହା ବଗିଚା ପାଇଁ କୁଲି ସଂଗ୍ରହ କରିବା । ପ୍ରକାଶ ଥାଉକି ଗୋଟିଏ କୁଲି ଯୋଗାଇ ଦେଲେ ତାଙ୍କୁ କିଛି କମିସନ ମିଳେ । ତେଣୁ କୌଣସି ଠାରେ ଅସହାୟ ଲୋକ ଦେଖିଲେ ବାବୁଙ୍କର ହୃଦୟ ଦୁଃଖରେ ତରଳି ଯାଏ । କଥା ବାର୍ତ୍ତା କରି ଆର୍ତ୍ତଲୋକର ସେବାରେ ଲାଗିଯାନ୍ତି । ପରିଶେଷରେ ତାକୁ ଆସାମ ପଠାଇ ଯଥା ସମୟରେ କମିସନ ହାସଲ କରନ୍ତି । ବାବୁଙ୍କ କମିସନ ପାଇବା କଥା ଅବଶ୍ୟ ବାବୁଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ତେଣୁ ଆର୍ତ୍ତସଖା ହିସାବରେ ବାବୁଙ୍କର ନାମ ଅଛି ।

ବାବୁଟି ଧୀରଭାବରେ ରଥିଆ ପାଖକୁ ଯାଇ ପଚାରିଲେ "କିରେ ବାବା ! ତୋର କ'ଣ କଷ୍ଟହେଉଛି" ? ରଥିଆ ଭୟ ବିହ୍ୱଳରେ କହିଲା

Digitized by srujan ka@gmail.com

"ନା — କି — ର" ! ବାବୁ ଭାବିଲେ କୌଣସି ସାହେବ ଘରେ ନୌକରି ଖୋଜୁଥିଲା । ତାର ନୌକରିଟି ଚାଲି ଯାଇଛି । ତେଣୁ ସେ ଉତ୍ତର ଦେଲେ "କିଏ ସାହେବ ତୋତେ ବାହାର କରି ଦେଇଛି ? ସେଥିଲାଗି ତୋ'ର କ'ଣ ? ମୁଁ ତୋତେ ଏହିକ୍ଷଣି ଅନ୍ୟ ଚାକିରିର ବନ୍ଦୋବସ୍ତ କରି ଦେବି । ସୁଖରେ ରହିବୁ । ଖାଇବୁ, ପିନ୍ଧିବୁ ମାସକୁ ୩୦ ଟଙ୍କା ଘରକୁ ପଠାଇବୁ" । ରଥିଆ କିଛି ବୁଝି ନ ପାରି ବୋକାଙ୍କ ପରି ଚାହିଁ ରହିଲା । ତାର ଗୋଡ଼ର ସେହି ସଜ ମନ୍ଦାରଫୁଲଟି ବାବୁଙ୍କର ଚକ୍ଷୁଗୋଚର ହୁଅନ୍ତେ ବାବୁ ଚିତ୍କାର କରି ଉଠିଲେ "କିରେ, ଏ କ'ଣ ? ସାହେବ କଣ ତୋତେ ମାରିଛି କି ? ହଁ ଏ ତ ଝୁଟ୍ ମାତ ! ତୁ ଚଣ୍ଡାଳ ସାହେବ ଘରେ କାହିଁକି ଚାକିରି କରି ଗଲୁ କହିଲୁ ? ହାଇରେ ଆସାମର ଚାହା ବଗିଚା ଚାକିରି ଥାଉଁ ଥାଉଁ କାହିଁକି ଯେ ତୁମ୍ଭେମାନେ ଅନ୍ୟ ଚାକିରି ଖୋଜ, ମୁଁ ଆଜିଯାଏ ଏ କଥା ବୁଝି ପାରିଲି ନାହିଁ । ଚାଲ ଚାଲ୍, ମୋ ସାଙ୍ଗରେ ଚାଲ୍ । ମୁଁ ତୋର ଟିକେଟର ବନ୍ଦୋବସ୍ତ କରିଦେବି ଓ ତୋର ଚାକିରିର ସୁବିଧା କରିଦେବି" । ବାବୁ ହାତ ଧରି ରଥିଆକୁ ଉଠାଇଲେ । ରଥିଆ ଉଠୁଁ ନ ଉଠୁଁ ଫେର ଲଥୋକିନା ବସି ପଡ଼ିଲା । ଖାଲି କହୁଥାଏ "ସାହେବ" ।

ବାବୁଟି ଆଉ କିଛି ବୁଝି ପାରିଲେ ନାହିଁ । ଏତିକି ବୁଝିଲେ ଯେ ଗୋଟାଏ ସାହେବ ଭୟ ଏ ଲୋକଟିକୁ ଗ୍ରାସିଛି । ସାହସ ଦେଇ କହିଲେ "ଆରେ ଆମ ଚାହା ବଗିଚାରେ ଅନେକ ସାହେବ ଅଛନ୍ତି, ଆମେ ଆଉ ସାହେବମାନଙ୍କୁ ଭୟ କରୁ ନାହିଁ । ତୁ ଥରେ ସେ ବଗିଚାକୁ ଚାଲ, ତୋର ମଧ୍ୟ ସାହେବ ଭୟ ଛାଡ଼ିଯିବ" ।

ରଥିଆର ଟିକେ ସାହସ ହେଲା, ସେ କହିଲା-"ଆଜ୍ଞା ଆମ ଗାଁରେ ଜଣେ ଲୋକ ଗୋଟିଏ ସିପାହୀକୁ ମାରିଲା, ତେଣୁ ଆମ ଗାଁ ସାରା ଲୋକ

Digitized by srujan ka@gmail.com

ହେଲେ ଦୋଷୀ । ଠା ଠା ହୋଇ ସାହେବ ସବୁ ଭଗି ଗଲେଣି ଆମକୁ ସବୁ ଧରିବାକୁ । “ହେଉ ଦେଖୁ ନାହିଁ” କହି ଅଗରେ ଠିଆ ହୋଇଥିବା ସାହେବକୁ ଦେଖାଇ ରଥିଆ ଫେର ବସି ପଡ଼ିଲା ।

ବାବୁ ଦେଖିଲେ ଯେ ମକାକ୍ଷେତରେ ପିଲାଏ କାଉ ହୁରୁଡ଼ାଇବାକୁ ଗୋଟାଏ ରୂପ କରି ତା ମୁଣ୍ଡରେ ସାହେବ ଟୋପିଟିଏ ଦେଇ ଦେଇଛନ୍ତି । ତାକୁ ଦେଖି ରଥିଆ ଏତେ ହତବକେଇ ଯାଇଛି । ସାହସ ଦେଇ କହିଲେ “ଆରେ ମୋ ସଙ୍ଗରେ ଆସିଲେ ସେ ଭୟ ନାହିଁ । ଅଗରେ ଯେଉଁ ସାହେବ ଠିଆ ହୋଇଛି ତାର କଥା କହୁଛୁ ତ ? ଅସ୍ତୁ; ଆମେ ସେ ବାଟେ ନ ଯିବା, ଆମେ ଅନ୍ୟ ବାଟ ଦେଇ ଚାଲି ଯିବା । ଆଉ କାହା ସାଙ୍ଗରେ ଯାଉଥିଲେ ଅବା ସାହେବ ଗୋଡ଼ାଇ ତୋତେ ଧରନ୍ତା, ମୁଁ ଯେ ଚାହା ବଗିଚାର ସର୍ଦ୍ଦାର । ମୋ ସଙ୍ଗରେ ଗଲେ ସାହେବ ହେଲେ ମଧ୍ୟ ବାଟ ଆଡ଼େଇ ଯିବେ” ।

ରଥିଆ ଦେଖିଲା ଯେ ଏ ବାବୁ ସହଜ ଲୋକ ନୁହନ୍ତି । କହିଲା “ଅଚ୍ଛା ସିପାହୀକୁ ମାରିଲେ କଣ ହୁଏ”? ବାବୁ କହିଲେ “ଆରେ ହବ କ'ଣ ? ବାହାରେ ରହିଲେ ଅବା ଜେଲ୍ କି ଜୋରିମାନା ହୁଅନ୍ତା । ଚାହା ବଗିଚାକୁ ଗଲେ ସବୁ ଛଡ଼ । କେତେ ଲୋକ କେତେ କଥା କରି ଚାହା ବଗିଚାକୁ ଯାଇ ପାର ପାଇଯାଉଛନ୍ତି” । ରଥିଆ ଦେହରେ ଷୋଳ ସିଂହର ପରାକ୍ରମ ଲାଗି ଉଠିଲା । ଆଉ ତେବେ ପରବାୟ କ'ଣ । ସିଧା ସେ ବାବୁ ସଙ୍ଗରେ ଅନ୍ୟବାଟେ ଚାଲି ଚାଲିଗଲା । ଶୁଣାଯାଏ ୪ ଦିନ ପରେ ରଥିଆ ମହାଗଙ୍ଗରେ କଟକ ଷ୍ଟେସନରୁ ଆସାମ ଯାତ୍ରାକଲା । କଟକ ଷ୍ଟେସନରେ ଅନେକ ସିପାହୀ ବୁଲୁଥାନ୍ତି । ତାଙ୍କୁ ଦେଖି ରଥିଆ ମନରେ ଯେ ଭୟ ହୁଏ ନାହିଁ ତା' ନୁହେ, ତଥାପି ତାର ଭରସା ଯେ ସେ ଆସାମ ବଗିଚାକୁ ଯାଉଛି, ତାର ବିପଦ ହେବ ନାହିଁ ।

Digitized by srujan ka@gmail.com

—ଆଠ—

ସକାଳୁ ଉଠି ନେଡ଼ ଓ ଯଦୁ ଗାଁ ସାରାକୁ ଡ଼ାକି ଉଠାଇଲେ । ଗାଁର ଲୋକେ ଜମା ହୋଇ ଦେଖିଲେ ଯେ ପ୍ରକୃତରେ ଯଦୁର କବାଟ ଭାଙ୍ଗିଛି, ରମାର ଲୁଗା ଖଣ୍ଡ ଚିରିଯାଇ ସେଇଠାରେ ପଡ଼ିଛି । ଦାଣ୍ଡ ଦୁଆରେ ମଇଁଷି ବୁଦଲପର ଚିହ୍ନ ସବୁ ରହିଛି, ମଦନା ମା ରମାକୁ ନେଇ ଯଦୁ ଗୋସେଇଁ ଓ ନେଡ଼ ଗୋଡ଼ତଳେ ଗଡ଼ାଗଲା । କହିଲା "ଗୋସେଇଁ, ବାଳୁତ ଅପରାଧ କ୍ଷମା କର" ! ଯଦୁ ଗୋସେଇଁ ମଦନା ମା'କୁ ଦେଖି ଟିକିଏ ଦବିଗଲେ, କହିଲେ-"ନାହିଁ, ରମାଟା ତ ଏତେ ଦୁଷ୍ଟ ନୁହେଁ, ସେ ରଥିଆ ବୋଲରେ ପଡ଼ି ଏପରି ହେଉଛି ନା !"

ରଥିଆକୁ ଖୋଜା ପଡ଼ିଲା, ତାର ପତ୍ତା ମିଳିଲା ନାହିଁ । ମଦନା ମା କହିଲା "ସେ ନିର୍ବଂଶିଆ ସକାଳୁ ଉଠି କେଉଁଆଡ଼େ ପଳାଇଲାଣି ।" ନେଡ଼ କହିଲା "ମୁଁ ତ ଆଉ ଗାଁରେ ଜଳଗ୍ରହଣ କରିବି ନାହିଁ, ସେ କୁଆଡ଼େ ଯାଇଛି, ପୁଣି କେଉଁଦିନ ଆସି ଘରେ ପଶିବ, ମୁଁ ଆଜି ମୋ ବାପଘରକୁ ଯିବି ।" ଗାଁର ଲୋକେ କେତେ ବୁଝାଇଲେ, ଗାଁର ଦିଅଁ ଅପୂଜା ରହିବେ । ଯଦୁ ଗୋସେଇଁ ବହୁତ ବୁଝାଇ ସୁଝାଇ କହିଲେ, ଦମାଣ ହେତା ଜମି, ତାକୁ କିଏ ଖାଇବ ? ନେଡ଼ ନ ବୁଝେ ।

ଅଗତ୍ୟା ଦୁଇପହର ବେଳକୁ ଗୋଟିଏ ଶଗଡ଼ରେ ଘରର ସବୁ ଜିନିଷ ଲଦି ନେଡ଼ ବାହାରିଲା । କପିଳାଟା ଶଗଡ଼ ପଛରେ ବନ୍ଧା ହେଲା । ଯଦୁ ଗୋସେଇଁ ସମସ୍ତଙ୍କ ପଛରେ ମନ ବରସର ପଛକୁ ଚାହିଁ ଚାହିଁ ଯାଉଥାଏ ।

ଯଦୁ ଗୋସେଇଁ ଗାଁରେ ସମସ୍ତଙ୍କର ପ୍ରିୟ । ସମସ୍ତଙ୍କ ଘରକୁ ଯାଇ ଧାଡୁକି ଦିଏ । କାହାର ପିଲାଝିଲା ବେମାର ପଡ଼ିଲେ ଷାଣ୍ଡୁକି

Digitized by srujan ka@gmail.com

ଝରରେ ମହାଦେବଙ୍କ ଶିରରେ ପାଣି ଲାଗି କରେ । କାହାର ବିପଦ ଆପଦ ପଡ଼ିଲେ ଯଦୁ ଗୋସେଇଁ ଅଣ୍ଟା ଭିଡ଼ ଲାଗିଯାଏ । ଗାଁ ପାଞ୍ଚ ଲୋକ କେତେ ନେହୁରା କଲେ "ଯଦୁ ଗୋସେଇଁ, ଗାଁଟାକୁ ଅନାଥ କରି ଯାଅ ନାହିଁ ।" ଯଦୁର ମଧ ଇଚ୍ଛାଟା ସେଇୟା, କିନ୍ତୁ ବିଚରାର ଚାହି କଅଣ ? ଚଣ୍ଡୀ ତ ମଙ୍ଗିଲେ ହୁଏ ।

ସଂସାରରେ ଯଦୁର ଚାରୋଟି ଜିନିଷ ପ୍ରିୟ । ପ୍ରଥମ ନମ୍ବର ପ୍ରଧାନ ପ୍ରିୟବସ୍ତୁ ନେଣ୍ଡା । ଦ୍ୱିତୀୟ ପ୍ରିୟବସ୍ତୁ ଗାଁ ଓ ତାର ମହାଦେବ । ପିଲାଟି ଦିନୁଁ ସେହି ଗାଁରେ ଓ ସେହି ମହାଦେବଙ୍କ ସେବାରେ ତାର କଟି-ଲାଣି । ତୃତୀୟ ପ୍ରିୟବସ୍ତୁ ତାର ସେହି ଦମାଣ ହେତା ଜମି । ତାକୁ ଚଷି-ବୃଷି ସେ ଚଳେଇଛି । ନେଣ୍ଡା ବିନା ଏବେ କଂସା ଦଶଖଣ୍ଡ ନୈଯଟାଏ ଅଣିଲା, ମାତ୍ର ପିଲାଦିନୁଁ ଅଜଯାଏ ସେ ସେହି ହେତା ଜମି ଦମାଣରୁ ଚଳି ଆସିଛି । ଚତୁର୍ଥ ପ୍ରିୟବସ୍ତୁ ତାର କପିଳା । ଯଦୁ ସବୁବେଳେ ତାର ସେବାରେ ଲାଗିଥାଏ । ଭଲରେ ମନ୍ଦରେ କପିଳାକୁ ଅଉଁଶିଦେଲେ ତାର ଦୁଃଖ ଯାଏ । କପିଳା ମଧ ଯଦୁ ହାତକୁ ଚାହିଁ ବସିଥାଏ ।

ଆଜି ପ୍ରଥମ ଓ ଚତୁର୍ଥ ପ୍ରିୟବସ୍ତୁ ତାର ନେଣ୍ଡା ବାପଗାଁକୁ ଗଡ଼ କରୁଥିବାରୁ ଯଦୁ ଭୁଜଙ୍ଗ ଚୁଚୁନ୍ଦ୍ରା ନ୍ୟାୟରେ ପଡ଼ି ବାଧ୍ୟ ହୋଇ ଦୁଇ ତିନି ନମ୍ବର ପ୍ରିୟବସ୍ତୁକୁ ଛାଡ଼ିବାକୁ ବସିଛି । ମନଟା ତାର ଘାଣ୍ଟିଗୋଳେ ହେଉଛି । ପଛକୁ ଟିକିଏ ଚାହୁଁଛି ତ ଆଗକୁ ପାହୁଣ୍ଡ ପକାଉଛି ।

ଖଣ୍ଡେ ବାଟ ଗଲା ପରେ ଏକ ଆକସ୍ମିକ ଘଟଣା ଘଟିଲା । ଗୋଟାଏ ଅଣଓସାରିଆ ହଡ଼ ବାଟରେ ଶଗଡ଼ଟା ଠିକ୍ ବାଙ୍କିଲାବେଳକୁ ଗୋଟାଏ ବେତବୁଦାରେ ପ୍ରାୟ ହାବୋଡ଼ି ଗଲା । ଦ ପାଖରେ ବୁଦ ବୁଢ଼ାଏ ରହି ବସ୍ତାଟାକୁ ଜାକି ଦେଇଛି । ଶଗଡ଼ିଆ ବିଚରା ବଳଦକୁ-ଅଡ଼ା ଗାଡ଼ିଟାକୁ ବାଟକୁ ଆଣିବାକୁ ବସିଛି, ଠିକ୍ ଏହି ସମୟରେ ସେଅ

Digitized by srujan ka@gmail.com

ଗୋଟାଏ ପାହାଡ଼ ପରି ହାତୀଟାଏ ଅସି ହାବୁଡ଼ ଗଲା । ତା ଉପରେ ପ୍ରାୟ ଛନଶଗଡ଼ ବରଡାଳ ଜମା ହୋଇଛି । ତା ମଧ୍ୟରେ ମାହୁନ୍ତଟିଏ ଯେ ବସିଛି ସେକଥା ବାହାରକୁ କାହାକୁ ଜଣା ଯାଉନାହିଁ ।

କପିଲାଟା ବଡ଼ ଦୁଷ୍ଟ । ସେ ଯଦୁଗୋପେଇଁ ଗାଁରୁ ପ୍ରାୟ କେବେ ବାହାରକୁ ଯାଏ ନାହିଁ । ଯଦୁ ଘରେ ତ ଲକ୍ଷ୍ମୀଙ୍କ ଅନୁଗ୍ରହ ସେତେଦୂର ନାହିଁ, କପିଲା ଅଉ ହାତୀ କାହୁଁ ଦେଖିବ ? ହାତୀକୁ ଦେଖିଲାକ୍ଷଣି ଭୂତ ଦେଖିଲେ ମଣିଷ ଯେପରି ଚମକି ପଡ଼ନ୍ତି, କପିଲା ସେହିପରି ଚମକି ପଘା ଛିଣ୍ଡାଇ ପଛ ଅଡ଼କୁ କୁଦା ମାରି ଦୌଡ଼ିବାକୁ ଲାଗିଲା । ଯଦୁ ହୋ ହୋ କରି ତାର ଚତୁର୍ଥ ପ୍ରିୟବସ୍ତୁକୁ ଅଟକାଇବାକୁ ଯେତେ ଚେଷ୍ଟା କରି ତା ପଛରେ ଧାଇଁଲା, କପିଲା କି ଅଉ ତା ବୋଲ ମାନେ ? ସେ ଯେ ନ ଦେଖିଲା ଜନ୍ତୁଟାଏ କ'ଣ ଦେଖି ପକାଇଛି !

ଯଦୁ ତ କପିଲା ପଛରେ କୁଟିଛି । ତେଣେ କପିଲାର ପଘାଛିଣ୍ଡା-ଇବା ଫଳରେ ଶଗଡ଼ଟା ଉପରକୁ ପଛ ଅଡ଼ୁ ଟେକି ହୋଇ ଯାଇଛି । ବଳଦ ଦ'ଟାଙ୍କ କାନ୍ଧରୁ ଯୁଆଳୀ ଖସି ଯାଇ ପଘାରେ ତାଙ୍କ ବେକ ମୋଡ଼ି ହୋଇ ଯାଇଛି । ଫଳରେ ଶଗଡ଼ିଆ ବଡ଼ରି ଝଟ୍‌କରି ଓହ୍ଲାଇ ପଡ଼ି ତାଙ୍କୁ ସବୁ ସମ୍ଭାଳିବାରେ ଲାଗିଛି । ଏଣେ ନେଡ ସାନ୍ତାଣୀ ଶଗଡ଼ ଦଣ୍ଡାଟା ଭୂଇଁରେ ମାଡ଼ି ହୋଇଯିବା ଫଳରେ ସଫା ଭୁସୁଡ଼ି ପଡ଼ିଛନ୍ତି ଓ ତାଙ୍କ ଉପରେ ତାଙ୍କର ଟୋକେଇ ଗଞ୍ଜୁଣୀ କଂସା ବେଲା ବାସନ ଧବୁ ଅକାଡ଼ ହୋଇ ପଡ଼ିବାରୁ ଠିକ୍ ଧାନମାଣ ଭିତରେ ମହାଲକ୍ଷ୍ମୀ ବିଜେ କଲା ପରି ଦିଶୁଛନ୍ତି ।

ତେଣେ ଶଗଡ଼ିଆକୁ କିଛି ବୁଦ୍ଧି ନ ଦିଶିବାରୁ ସେ ବଳଦ ଦୁଇ-ଟାକୁ ଫିଟାଇ ଦେଇ ତାଙ୍କରି ସେବାରେ ଲଗିଛି । ଯଦୁ ଖଣ୍ଡେ ବାଟ କପିଲା ପଛରେ ଧାଇଁ ଧାଇଁ ଯାହିଁ ନ ପାରିଲା, ଶଗଡ଼ ପାଖକୁ ଅସି

Digitized by srujan ka@gmail.com

ଦେଖେ ତ ଏ ଦଶା, କେତେ କଷ୍ଟରେ ନେଇ ସାନ୍ତାଣୀଙ୍କୁ ସେଥିରୁ ବାହାର କରି ଜିନିଷପତ୍ର ସବୁ ଜଗାଏ ଗଦା କରି ଦେଲା । ଏଥି ମଧ୍ୟରେ ହାଗଟା ମଧ୍ୟ ବାଟ କଟାଇ ଗୃହଗଲା । ନେଇ ସାନ୍ତାଣୀ ଉଗ୍ର-ଚଣ୍ଡୀ ମୂର୍ତ୍ତି ଧରି ଉଠିବା ସାଙ୍ଗେ ସାଙ୍ଗେ ଖଡ଼ିକା ମୁଠାଏ ବାହାର କରି ଯଦୁକୁ ଦ ପାହାର କଷିଦେଲେ । ଭଲରେ ଭଲ ମୁଁ ଏ ଦଶାରେ ପଡ଼ିଛି, ସ୍ୱାଙ୍କର ଅଗ ବ୍ୟପିଲା ପଛରେ ଜଗଲେ ନ ଚଳେ ।

ଅବସ୍ଥା ଦେଖି ଶଗଡ଼ିଆଟା ମଧ୍ୟ ଅବାକ୍ । କହିଲା "ହାଁ ହାଁ ସାନ୍ତାଣି, ତାଙ୍କର କି ଦୋଷ ?" ନେଇ ଶଗଡ଼ିଆକୁ ନାଲି ଆଖି ଦେଖାଇ କହିଲା "ଚୁପ୍ ହୋ, ତୋର କ'ଣ ଅଛି" । ଶଗଡ଼ିଆ ବିଚରା ଚୁପ୍ ।

ଯଦୁର ଏଇଠାରେହିଁ ମୀମାଂସା ହୋଇଗଲା । ଗୃହସ୍ଥ ପ୍ରିୟ ବନ୍ଧୁର ଛୁଆଟିଏ ତ ଗ୍ରାମରେ ରହିଲେ । ନେଇର ଦାଣ୍ଡମଝିରେ ଏ ବ୍ୟବହାର ଯଦୁକୁ ବାଧିଲା । ନୈସର୍ଗିକ ନିୟମ ଅନୁସାରେ ଯଦୁର ବେଣି ମମତା ଗାଁ । ଅତକୁ ଟଳିଲା । ଯଦୁ ଆଉ କିଛି ନ କହି, ଶଗଡ଼ରେ ସବୁ ଲଦାଲଦି କରିଦେଲା । ଶଗଡ଼ିଆ ଗାଡ଼ି ଗଡ଼ିବା ସଙ୍ଗେ ସଙ୍ଗେ ଯଦୁ ଗାଁ । ଅଡ଼କୁ ବାଗେଇଲା । ନେଇ ଭାବିଲା "ମଲା କେ, ଉଡ଼ି ଯାଉଛନ୍ତି, ଦେଖିବା କେତେ ବାଟ ଯିବେ" । ନେଇ ବାପଘର ଗାଁରେ ରହିଥିବା ଯାଏ ମଧ୍ୟ ଯଦୁର ପତ୍ତା ନାହିଁ । ନେଇ ଭାବିଲା "ହିଁ ଆଜି ନଇଲେ କାଲି ଅସିବେ ନାହିଁ ତ ବୋଉ ଚୁଲିକୁ ଯିବେ । ଅରେ ତେମଣା, ବୁଲି ବୁଲି କରି ଯୋଉ ଅଗଣାକୁ ସେଇ ଅଗଣା ।"

Digitized by srujan ka@gmail.com

—ନଅ—

ଯଦୁ ଗୋସେଇଁ ଏକମୁହାଁ ହୋଇ ଫେରିଲା । ପଛରେ ପଡ଼ି ରହିଲା ତାର ପାଞ୍ଚବର୍ଷର ବିବାହିତ ଜୀବନର ଅନୁଭୂତି ନେଳିର ସେ ଉଦ୍ଦାମ ଯୌବନର ଆକର୍ଷଣ, ସେ କରୁଣ ହୃଦୟରେ ଚାହିଲା ତାର ଚିରକାଳର ସେହି ଛୋଟିଆ କୁଡ଼ିଆ ଘରକୁ—ଯେଉଁଠାରେ ତାର ଜନ୍ମ, ଯେଉଁଠି ଜନ୍ମଠାରୁ ଆଜଯାଏ ସେ ରହି ଆସିଛି, ତାର ସେଇ ମହାଦେବ ମନ୍ଦିର—ଆଉ ସେହି ପ୍ରତ୍ୟକ୍ଷ ଦେବତା ବାବା ବିଶ୍ବନାଥ ।

ଯଦୁ ଭାବୁଥାଏ ନେଳିକୁ ଛାଡ଼ି ରହିଲେ ତାର କ'ଣ ସୁବିଧା ଅସୁବିଧା ହେବ । ତାକୁ ହାତରେ ଗଣ୍ଡେ ଫୁଟାଇ ଖାଇବାକୁ ହେବ । କିନ୍ତୁ ନେଳି ଥିଲା ବେଳେ ତ ଅଧେ ଦିନ ସେ ହାତରେ ରାନ୍ଧୁଥିଲା । ତାର ଖବର ଅନ୍ତର ବୁଝିବାକୁ କେହି ରହିଲେ ନାହିଁ । କିନ୍ତୁ ନେଳି ଥିଲା ଦିନେ ତ ତାକୁ ପଚାରୁ ନ ଥିଲା, ଓଲଟି ସେ ନେଳିର ସେବାରେ ଦହଗଞ୍ଜ ହୋଇ ମରୁଥିଲା । କିନ୍ତୁ ନେଳି ଯେ ଘରର ସବୁ ଆସବାବ ନେଇ ଚାଲିଗଲା । ସେ ଏବେ ଚଳିବ କିପରି ? ପୁଣି ଭାବେ ବାବା ବିଶ୍ବନାଥ ସବୁ ଚଳାଇ ଦେବେ । ତାର ଚାରା କଣ ? ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରି ତେଣିକି ଯାଇ ।

ନେଳି ଯେବେ ଆଉ ନ ଫେରେ ? ନ ଫେରୁ, ସଂସାରରେ ତ ସମସ୍ତେ ବିବାହ କରି ପାରୁନାହାନ୍ତି ! କେତେ ଲୋକ ମଧ୍ୟ ବିବାହ କରି ଅକାଳରେ ପତ୍ନୀ ହରାଇ ବସୁଛନ୍ତି । ତା କର୍ମରେ ଯେତିକି ଦିନ ବିବାହିତ ଜୀବନ ଯାପନ କରିବାର ଥିଲା ସେତିକି ଏବେ ହେଉ । କିନ୍ତୁ କୁଳ ? କୁଳ ଯେ ଲୋପ ହୋଇଯିବ ? ହେଉ, ବାପମାଙ୍କର ପୁଅ ହୋଇ ସେ ବା ସଂସାରରେ କ'ଣ ଅଧିକା ଗୁଡ଼ାଏ କରି ପକାଇଛି । ଆଉ ତାର ପୁଅଝିଅ ହୋଇ ତାକୁ ଅବା କେଉଁ ସ୍ୱର୍ଗକୁ ନେବେ ।

Digitized by srujan ka@gmail.com

ଯାଅ ପାଞ୍ଚ ବର୍ଷ ହେଲା ସେ ଖବର ଜଣାଣି, ଅଜ ଯାଏ ତ ଟୋକା ଝାଲ, ଅଜ ତାର ସନ୍ତାନ ସନ୍ତତି ଯେ ହୁଅନ୍ତା ଏ କଥାରେ ବା ପ୍ରମାଣ କାହିଁ ?

ସଂସାରରେ କେତେ ଲୋକ ବା ଖବର ରଖୁନାହାନ୍ତି । କେତେ ଲୋକ ବା ବଡ଼ ଲୋକ ଘରୁ ବୋହୂ ଅଣୁ ନାହାନ୍ତି, ଅଜ କେତେ ଯଶ ଘରେ ଦୁଆରେ ଦାଣ୍ଡରେ ଘାଟରେ ଯୋଉଠି ପାରିଲା ଗେରସ୍ତକୁ ଏପରି ଉତ୍ତମ ମଧ୍ୟମ ବସାଉଛୁ କିଏ ? ନା, ଅଜ ଏଣିକି ତା ହେବ ନାହିଁ ।

ଏମନ୍ତ ବିଗୁରି ବିଗୁରି ଯଦୁ ଆସି ତା ଘର ପାଖରେ ପହଞ୍ଚଗଲା । କପିଳାଟା ଛନକନା ହୋଇ ଅସି ଦୁଆର ମୁହଁରେ ଠିଆ ହୋଇଛ । ଯଦୁକୁ ଦେଖି ଧାଇଁ ଯାଇ ଯଦୁ ଦେହରେ କଣ୍ଠାକୁ ଲଗାଇ ଦେଲ । ଯଦୁ ଅତ ଅଦରରେ କପିଳାକୁ ଅଉଁଶି ଦେଲା । ଗାଁର ଲୋକ ସମସ୍ତେ ଧାଇଁ ଅସିଲେ । ହୁରି ପଡ଼ଗଲା "ଯଦୁ ଗୋସେଇଁ ଫେରିଲେଣି, ଯଦୁ ଗୋସେଇଁ ଫେରିଲେଣି" । ଏତେବେଳଯାଏ ଗାଁ ଲୋକେ ଜୁଣ୍ଡ ହୋଇ ଠାକୁର ପୂଜା କପରି ହେବ, କେଉଁଠୁ ବ୍ରାହ୍ମଣ ଅସିବ ଏହ ସବୁ ବିଗୁରରେ ଲଗିଥିଲେ । ଗାଁରେ ସେହି ଗୋଟିକ ବ୍ରାହ୍ମଣ ଘର; ଶ୍ରାଦ୍ଧ ମଉଳା, ବିଭା, ବ୍ରତ ପୂଣ୍ୟ ସବୁ କରୁଥିଲ ଯଦୁ ଗୋସେଇଁ । ଶ୍ରୀକୃଷ୍ଣ ଗୋପପୁର ଛାଡ଼ ମଥୁରା ଗଲବେଳେ ଗୋପପୁରେ ଯେପରି ହାହାକାର ପଡ଼ ଯାଇଥିଲା, ଯଦୁ ସେ ନରପୁର ଗାଁ ଛାଡ଼ ଶ୍ୱଶୁର ଗାଁକୁ ଯିବାରେ ସେହିପରି ଏକ ବିରାଟ ଭୂଲେଣୀ ନରପୁର ଗାଁ ସାରା ଗ୍ରାସିଥିଲା । ଟୋକା ଜଣ୍ଠ ପାଇଲ ପରେ ଗାଁର ବୁଢ଼ାବୁଢ଼ୀ, ଟୋକାଟୋକୀ, ମିଣିପେମାଇପେ ଝିଅବୋହୂ ସମସ୍ତେ ଅସି ଜମା ହୋଇଗଲେ ।

କିଏ ପାଣି ଅଣି ଦେଲା, କିଏ ଘର ଓଳାଇ ଦେଲା, କିଏ ଘର ଲୋଟା ଖଣ୍ଡିଏ, କିଏ କଂସାଟିଏ, କିଏ ସଉପ ମସିଣା ଖଣ୍ଡେ, କିଏ ଗୁଡ଼ଲ ଗଣ୍ଡେ, ମୁହୂର୍ତ୍ତିକ ମଧରେ କୁବେରର ଭଣ୍ଡାର ଯଦୁ ଗୋସେଇଁ

Digitized by srujan ka@gmail.com

ଘରେ ଜମା ହୋଇଗଲା । ଦଇବ ଯୋଗକୁ କପିଳା ସେଇ ସଞ୍ଜବେଳେ ଅତି ସୁନ୍ଦର ବାଛୁରୀଟିଏ ଜନ୍ମ କଲା । ସେ ଦିନ ଗୁରୁବାର, ଶରଧାରେ ଗାଁ ଲୋକେ ମିଶି ବାଛୁରୀର ନାଁ ଦେଲେ ଗୁରୁବାରୀ ।

କପିଳାଟା ଯଦୁର କାମଧେନୁ । ସେ ଦିନରେ ଦୁଇଶେର ଦୁଧ ଦିଏ । ତା ଛୁଆଟି ମାନଙ୍କୁ ବିକି ବିକି ଯଦୁ ହାତରେ ଦି ପଇସା ଜମା କରେ । ତା ଦୁଧ ପୁଣି ବରଷୀର ପରି ଗାଢ଼ା । ସେଥିରୁ ଟିକିଏ ପାଟିରେ ମାରିଲେ ଅମୃତ ଛୁଇଁବାକୁ ମନ ହେବ ନାହିଁ ।

ମଦନା ମା ସଞ୍ଜେ ସକାଳେ ଆସି ଯଦୁ ଗୋସେଇଁର ବାସନ-କୁସନ ମାଜି ଯାଏ, ଘରଦ୍ୱାର ଓଳାଇ ଦିଏ, ପାଣି କାଢ଼ି ଯୋଗାଇ ଦିଏ । ରମା ସଞ୍ଜେ ସକାଳେ ଆସି ଯଦୁ ଗୋସେଇଁର ଗୋଡ଼ ମୋଡ଼ି ଦିଏ । ମଦନା ମା ସବୁବେଳେ କହେ "ଗୋସେଇଁ, ବାପ ! ଛେଉଣ୍ଡ ପିଲା ଦୁଇଟାଙ୍କ ପାଇଁ ଠାକୁରଙ୍କ ପାଖରେ ଟିକିଏ ଟିକିଏ ଜଣାଉଥିବ । ରମାର ଗୃହକଶ ଖଣ୍ଡି ଗଲା ଦିନୁଁ ବଡ଼ ଘାନବସ୍ଥା ହେଉଛି । ପିଲାଟା କପର ହାତକୁ ଦୁହାତ ହେବ ।"

ଯଦୁ ଗୋସେଇଁ ସକାଳେ ସଞ୍ଜେ ଆପଣା ସୁଖ ଦୁଃଖ ଭୁଲି ବାବା ବିଶ୍ୱନାଥଙ୍କୁ ଜଣାଏ "ବାବା ହେ ! ରମା ହାତକୁ ଦୁହାତ କର । ତାକୁ ଗୃହକଶ ଖଣ୍ଡିଏ ଦିଅ ।" ଏକଥା ଶୁଣି ରମା ଓ ମଦନା ମା ବଡ଼ ଖୁସି ହୁଅନ୍ତି ।

ଦୁଇ ଦିନ କି ତିନି ଦିନ ପରେ ଦିନେ ସକାଳୁ ଉଠି ଯଦୁ ଗୋସେଇଁ ବାବା ବିଶ୍ୱନାଥଙ୍କ ଶିରରେ ପାଣି ଢାଳୁଛି । "ରମା ହାତକୁ ଦୁହାତ କର, ତାକୁ ଗୃହଟିଏ ଯୁଟାଇ ଦିଅ, ହେ ବାବା ବିଶ୍ୱନାଥ" କହି ଛାତି କାଢ଼ି ଗୁହାରି କରୁଛି । ମଦନା ମା ଯଦୁ

Digitized by srujan ka@gmail.com

ଗୋସେଇଁର ଦୁଆରଟା ଓଳାଉଛି । ରାମା ଜଗମୋହନ ଦୁଆରେ ଠିଆ ହେଉଛି, ସେ ଅଙ୍କୁ ଯୋଡା ମଟମାଟ ଶୁଭୁଛି । ରାମା ପ୍ରାଣ ଖୋଲରେ ଧଇଁ ସଇଁ ହୋଇ ମନ୍ଦିର ଭିତରକୁ ଯାଇ ଯଦୁ ଗୋସେଇଁଙ୍କ ପାଦ ଦେଲା "ସେଇ ହେ ସେଇ," ଯଦୁ ଚୁନ କରି ପଚାରିଲା "କିଏ ମ କିଏ ?" ରାମା କହିଲା "ସେଇ କନଷ୍ଟେବଲ—ଯାହାକୁ ରଖିଆ ବାହେଇ ଥିଲା" । ଯଦୁର ଦେହଟା ଶୀତେଇ ଉଠିଲା । ନ ଜାଣିଲା ପରି ପାଠ କରୁଥାଏ "ବାବା ହେ ବିଶ୍ୱନାଥ, ରାମା ହାତକୁ ଦହାତ କର ।" ରାମା ତ ସଫା ବରଡ଼ା ପତର ପରି ଥରୁଥାଏ ।

କିଏ ଜଣେ ଦୂରରୁ ଗୁଲାଇ ପରି ଥରି ଥରି ଦେଉଳ ଭିତରକୁ ପଶି ଆସିଲା । ଯଦୁ ଅନେଇ ଦେଖେତ ସିପାହି ବାବୁ—ଯୋଡ଼ା ଯୋଡ଼କ ଖୋଲି ଦେଇ ଗୋଡ଼ ଚପି ଚପି ସଫା ଗମ୍ଭିର ଭିତରେ ।

"କନଷ୍ଟେବଲ ବାବୁଙ୍କର ମଙ୍ଗଳ କର ହେ ବାବା ବିଶ୍ୱନାଥ" କହି ଯଦୁ ଅଢ଼ ମାଠିଏ ପାଣି ମହାଦେବଙ୍କ ଶିରରେ ଲଗେଇଲା । ସିପାହି ବାବୁ ମହାଦେବଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି ସାରି କହିଲେ "ଗୋସେଇଁ ସେ ଦିନ କଥା ମନେ ଅଛି ନା ।" "ବାବୁଙ୍କ କଲମ ଜାଗ୍ରତ କର ହେ ବାବା ବିଶ୍ୱନାଥ" । "ଝିକି ଝିକି ଗୋସେଇଁ, ରଙ୍ଗରସ ଛାଡ଼, କେତେ ପାଣି ଚଢ଼ାଉଛ, ବାହାରକୁ ଆସ ।" "ବାବୁଙ୍କର ବଢ଼ନ୍ତି କର, ପୁଅ ପିଲାଙ୍କର ମଙ୍ଗଳ ନଡ଼ି, ବାବୁଙ୍କୁ ଉପର ଚାକିରି ମିଳୁ ହେ ବାବା ବିଶ୍ୱନାଥ" ।

କନଷ୍ଟେବଲ ବାବୁଙ୍କ ଜୀବନରେ ଦୁଇଟି ଦୁର୍ବଳତା ଲାଗି ରହିଥାଏ । ପ୍ରଥମଟି ହେଉଛି ତାଙ୍କର ପୁଅ ପିଲାଗୁଡ଼ିକ ବଞ୍ଚନ୍ତି ନାହିଁ, ସାତ ଆଠୋଟି ପିଲା ଜନ୍ମ ହେଲେଣି, ସମସ୍ତେ ଶୋକ ଦେଇ ଯାଉଛନ୍ତି, ନ

Digitized by srujan ka@gmail.com

ଯାନନ୍ତି ମାତ୍ର ବର୍ଷକ । ତାଙ୍କ ଅନ୍ତେଇ ବର୍ଟ, ଅପ୍ରତ୍ୟାଣୀ ବୋଲି ନାଁ ନାକଫୋଡ଼ିଆ । ସେ ଚିନ୍ତନ୍ତି ଯେ ବଂଶ ଲାଇ ଧର କରବ ଏ ଅଣା ବାବୁଙ୍କର ନାହିଁ, କି ବାବୁଆଣୀଙ୍କର ମଧ୍ୟ ନାହିଁ । ତେଣୁ ପିଲାପିଲିଙ୍କର ଥରମାନ୍ତୁ ହେଉ, ଏ କଥାଟା ଶୁଣିଲେ ବାବୁ ମବୁଦେଲେ ନରମି ଯାନ୍ତି । ବାବୁଙ୍କର ଦୃଢ଼ ବିଶ୍ୱାସ ଯେ ସେ ଏ ପୃଥିବୀରେ ଯେତେ ଜନଙ୍କ-ଙ୍କ ଅଛନ୍ତି ସବୁଠାରୁ ଭଲ କାମ କରନ୍ତି । ଆଉ ବୁଢ଼ା ସେ ଗଣି ଗଣି ପ୍ରାୟ ୧୫୦ ବର୍ଷକ ରୈର ପାବ୍ୟସ୍ତ କର ସାରଲେଣି; ମାତ୍ର ତାଙ୍କ ସାତ ତକଥ ହେଲେକେ ଜମାଦାର ହୋଇ ମୂନ୍ ଜାମକୁ ଧାପ ଦେଲେଣି, ତାଙ୍କ କଥାଟା ଫିଟୁ ନାହିଁ, ତେଣୁ ବାବୁଙ୍କୁ ଉପର ପାହ୍ୟା ମିଳୁ ଏ କଥାଟା ମଧ୍ୟ ଝୁଲିବ ଖାପିଗଲା ।

ଦିନେ ସକାଳେ ବାବୁ କହିଲେ "ଗୋସେଇଁ, ନାକଫୋଡ଼ିଅ ନିଁାରେ ପାଣି ଟିକିଏ ଶିବରେ ଢାଳ ।" ଯଦୁ ଗୋସେଇଁଙ୍କ ପାଇଁକୁ ଲମ୍ବାଇ ଦେଲା "ବାବା ହେ ବିଶ୍ୱନାଥ, ନାକଫୋଡ଼ିଅକୁ ଶଙ୍ଖେ ପୁଅର ଓଡ଼ିଏ ଅନୁଅଳ କର, ନାକଫୋଡ଼ିଅର ଯୁଗେ ଯୁଗେ ପରମାୟୁ ହେଉ; ଘଣ୍ଟା ବୋଟେଇ ରଖ ମହାପ୍ରଭୁ ।" ବାବୁ ଖୁସି; କହିଲେ "ଗୋସେଇଁ ବେଶ ତ ତମକୁ ପାଣି ଲାଗି କର ଆସେ । ଆଉ ସେ ଦିନ ଏପରି ଦୌଡ଼ ପଳାଉଥିଲ କାହିଁକି ?" ଯଦୁ ଢାଳଟା ଥୋଇ ଦେଇ ଉଠି ଆସି ପଞ୍ଚାଶଟା ଦାନ୍ତ ଦେଖାଇ ଗଳା ଖଙ୍କାରି କହନ୍ତି "ଆଜ୍ଞା ମଫସଲ ଲୋକ ମୁଁ; ବାବୁ, ଭଦ୍ର, ସିପାହି, ଘନ୍ଟା, ମାମଲା ମକଦ୍ଦମା ଏ ସବୁ ଅମକୁ କାଣ ଜଣା ବାବୁ, କ୍ୟୁଟେଡ ପଳାଇଲି" । ବାବୁଙ୍କ ମନେ ପଡ଼ିଗଲା, ରଥିଅକୁ ଯଦୁ ଗୋସେଇଁ କାମୁଡ଼ ଦେଇଥିବାର ଅଭିଯୋଗ ରଥିଅ ତାଙ୍କ ଆଗରେ କରିଥିଲା । ହସି କହିଲେ "ରଥିଅକୁ ତମେ ପରା କାମୁଡ଼ି ଦେଇଥିଲ ?" ଯଦୁ ହଠାତ୍ ଉତ୍ତର କଲା "ନାହିଁ ଆଜ୍ଞା, ହରେ ରାମ

Digitized by srujan ka@gmail.com

ସମ, ମୁଁ ପ୍ରକାଶ କଲେ, ମୁଁ କାହିଁକି ତାକୁ କାମୁଡ଼ନ୍ତି, ସେଇଟା ସଫା ଗାଲୁଅଟାଏ ଅଛି" । ସିପାହୀ ବାବୁ କହିଲେ "ହଁ ଭଲ କଲ, କାମୁଡ଼ିଲ ତ ଅଛ ଭଲ । ଦେଖିଲ ନାହିଁ ମୁଁ ପର ମୋ ସାଙ୍ଗେ ଚକ୍କରାଳ କରିବାକୁ ଛଅର । ମୋ ନାଁ ବିରଜୁ ସିପାହୀ, ଦିନେ ହାତୁଡ଼େ ପଡ଼ିଲେ ତା ଅନ୍ତ-ବୁଜୁଳା ହଜମ କରି ଦେବି" । ରମାଟା ସେଇଠି ଅନ୍ଧାରୁଅରେ ଠିଆ ହୋଇଛି, ଏ କଥା ଶୁଣି ତା ଅନ୍ତବୁଜୁଳାଟା ହଜମ ହେଲାଣି କି ନାହିଁ ଦେଖିବାକୁ ପେଟରେ ହାତ ବୁଲାଉଛି ।

ବାବୁଙ୍କ ନଜର ରମା ଉପରେ ପଡ଼ିଗଲା । "ଆରେ । ତୁ ତ ଯବାଟେ, ସେ ଦିନ ପଳାଇଲୁ, ଅଜ । ଆଜି ବୁଅଡ଼େ ଯିବୁ ।" ଯଦୁ ଗୋସେଇଁ ପାଣି ମନ୍ଦେ ନେଇ ମହାଦେବଙ୍କ ଶିରରେ ଢାଳିଲେ । "ବାବା ହେ । ନାକଫୋଡ଼ିଅକୁ ଘଣ୍ଟ ଘୋଡ଼ାଇ ରଖ" । ତାଳଟା ତଳକୁ ଥୋଇ ଗଲା ଖଙ୍କାର ମାରି କହିଲେ "ଅଛ ପ୍ରତ୍ୟକ୍ଷ ଦେବତା, ଡାକିଲେ ପରା 'ଓଁ' କରିବ । ଏ ରମାଟା ? ଏଟା ଝିଲ୍ଲୁ, ପ୍ରଳୟ, ଯିପେଇ ସର୍ପ ଦେଖିଲେ ଲୁ ହେଲା । ଅପଣଙ୍କୁ ତାର ପ୍ରାଣରେ ଡର, କାଳେ କଣ ଗୋଟାଏ ହୁଙ୍କ ହୋଇଯିବ ଭବ ତ ମାରିଲା ଚମଟ । ଏତକ ବୁଦ୍ଧି ରଖିଅଛ ।" ବାବୁ କହିଲେ "ସେ ରଥିଅ ଟା ବଡ଼ ବଦମାସ, ବୁଅଡ଼େ ଗଲା ?" ଯଦୁ କହିଲେ "ସେଇ ଦିନୁଁ ତାର ପତ୍ତା ନାହିଁ । ଅଛି ସେଇ ଦିନ ଗଡ଼ରେ ମୋର କବାଟ ଢାଡ଼ ପରେ ପଣି ମତେ ପର ବାଡ଼େଇବାକୁ ବସିଥିଲା କାହିଁକି ? ଏଇ ରମା କଣ ତା ସାଙ୍ଗରେ ନ ଥିଲା କି ? ଭାଗ୍ୟକୁ ବାବା ବଣନାଥ ଭରସା; କପିଳା ମଉଁଷି ଲାଗି ପ୍ରାଣଟା ବଞ୍ଚିଗଲା ।" ବାବୁ କଥା ଶୁଣି ବଡ଼ କୌତୂହଳ ମଣିଲେ । ଖୋଳ ତାଡ଼ ସବୁ କଥା ବାହାର କରି ନେଇ କହିଲେ "ହଇଓ ଯଦୁ ଗୋସେଇଁ, ଅଉ କଣ ଏ ବମ୍ଭଗେ ହେଲଖାନା ଯିବ କି ?" ଯଦୁ ଗୋସେଇଁ ଅବାକ୍ । ପଚାରିଲା "ହାଁ

Digitized by srujan ka@gmail.com

ବାବୁ ?" ବାବୁ କହିଲେ "କିଓ ! ତୁମେ ଥାନାରେ ଏ କଥା କାହିଁକି ଲେଖାଇ ନଥିଲ କାହିଁ ?" ଯଦୁ ଭୟେ ଚାହିଁକି କହିଲେ, ଦରୋଗା ଏବେ ତରଫ ଦଳରେ । କହିଲ "ଅଣ୍ଡ ମଫସଲ ଲୋକ । ମାମଲା ମକଦମା କ'ଣ ଅଲବ୍ ଜାଣେ ?" ସିପାହୀ ଉଠିକରି ହୋଇ କହିଲେ "ସେ କଥା ଛାଡ଼, ହଳ ଗୁଡ଼ିକ ତ ମୋ ସଙ୍ଗରେ ଅଛ । ଛେଦାଲୁଣ୍ଠି ଥାନାରେ ଦାଖଲ କର, ରମା ସାକ୍ଷୀ ଦେବ । ଗାଁ ବାଲିକି ଫକୀର ଛଡ଼ା ହୋଇ-ଥିବା ଦ୍ୱାର ଦେଖିଛନ୍ତି । ରମା ମା କାହିଁ । ସେ ତ ରମା ଓ ରଥିଅର ଜଖମ ଦେଖିଥିବ । ମକଦମା ସାଙ୍ଗେ ସାଙ୍ଗେ ପ୍ରମାଣ । ଏଥର ଦେଥମାଳୀ ଯାନ୍ତ୍ର ତୁଅଡ଼େ ? ହାତଖଡ଼ୁ ପିନ୍ଧି ତ ନାଗୁଁ ଘରେ ପିବେ ।"

ବାବୁଙ୍କର ଏକା କଥା, ଗାଁ ସବୁ ଏ କଥାରେ ମଧ ମତ ଦେଲେ । ରଥିଅଣ୍ଠା ବଡ଼ ଦୁଷ୍ଟ । ତାର ଶାସ୍ତି ହେବା ଦରକାର । ଦୁଇ ପହର ବେଳକୁ ଯଦୁ, ରମା, ମଦନା, ଦରକୁ ସିପାହୀଙ୍କ ସଙ୍ଗେ ଥାନାକୁ ଗଲେ । ସଙ୍ଗୀନ ମକଦମା ରୁଜୁ ହେଲା ।

Digitized by srujan ka@gmail.com

—ଦଣ୍ଡ—

ସେ ଦିନ ବେଳ ଉଠ ଗଲା । ନେଡ଼ର ଶରୀର ତା ବାପ ଘରେ ଗାଁ ମନୋହରପୁରରେ ପହଞ୍ଚିଲା । ଚଉଠି ପଞ୍ଚମୀ ଗାଁ । ସାଧାରଣ କଥା-ବାର୍ତ୍ତା ହେଲେ ମଧ୍ୟ ଗାଁର ଦଶ ଲୋକ ଜମା ହୋଇଯାନ୍ତି । ତାଙ୍କର ମାଡ଼ି ହେବାର ନାହିଁ, ନେଡ଼ ଘରଦ୍ୱାରର ସବୁ ଜିନିଷ ଫେରି ଆସିଲା. ଦେଖିଲା ଗାଁ ଲୋକେ ଜମା ହୋଇଗଲେ । କିଏ କହିଲା "ଏ କିଏ ?" କିଏ କହିଲା "ଆଜି ଅପୂର୍ବ କୁଆଡ଼େ ମ ?" କିଏ କହିଲା "ଏ ଘରଦ୍ୱାରର ଜିନିଷ କାହିଁକି ବୋହି ଆଣିଲ ମ ?" କିଏ କହିଲା "ତମ ଭଣ୍ଡ ଅଛି କି ?" କିଏ କହିଲା "ତମକୁ କିଏ ଘଉଡ଼ ଦେଲେ କି ?"

ନେଡ଼ ଏତେ ଜବାବଦେହି ଆଶା କରି ନ ଥିଲା, କହିଲା "ସେ ନଈଁ ଲଗା ଗାଁ ଠାରେ ମୁଁ ରହି ପାରିଲି ନାହିଁ । ନେଡ଼ ଗୈର ଉଦାସୀନ । ବାପ ମା ତ ଗୋଟିଏ ମହାଦେବର ହାତରେ ମତେ ଦେଇ ଦେଲେ । ସେ କିଏ ମୋର ଭଲ ମନ୍ଦ କିଛି ବୁଝିଲେ । ନଇ, "ଖରାକୁ ଡରଇ, ଶୀତକୁ ଥରଇ; ବରଷାରେ ନୁହେ ବାହାର; ଏମନ୍ତ ପ୍ରାଣୀ ମୁଁ କେମନ୍ତେ ବଞ୍ଚିବ କିଏ ଆଣିଦେବ ଆହାର ।" ଏଇ ରକ୍ଷଣେ ଅସମ୍ଭବ, ସେ ଆଜ୍ ମୋ କଥା କିଏ ବୁଝିବ । ସାଙ୍ଗବୋଉ ଜଳ ହାସ୍ତୁଡ଼ି କହିଲେ "ଛିଅ ଛ ! ଛ ! ବୋହୂ ଲୋକଙ୍କ ଗେରସ୍ତକୁ ଏପରି କହିବାର ନୁହେଁ, ସ୍ୱାମୀ ସେ, କାଅର୍ଦ୍ଧା ଗୁରୁ ।" ନେଡ଼ ତ ରାଗିଥିଲା, କହିଲା "ହଁ ଲୋ ହଁ, ତମେ ଅଛ ଭଲ ମଣିଷ, ତମ ଗୁରୁଙ୍କୁ ମାନ ଚଳ । ମୁଁ ପାରିବ ନାହିଁ । ମୋ ପେଟ ନ ପୋଷିଲେ ହେଲେ ନା, ମୁଁ କି ପୋଷିବ ମାଇପ ହେଲେ ।"

ଗାଁ ମାଇପେ ଯେଝା ଘରକୁ ଗଲେ । ନେଡ଼ର ବାପ ଘରେ ତିନି ଭାଇ, ବାପ ତ ମରିଗଲେଣି । ବାଡ଼ି ମଙ୍କ ଦୁଇ ଜେଜେ ହେଁ ଘର ଅଛି

Digitized by srujan ka@gmail.com

ସ୍ୱାମୀ ନାହାନ୍ତି । ବଡ଼ ପୁଅ ମଧୁ ଖାଉଡ଼ିଗା କଳକତାରୁ ଚାକିରି ଖୋଜି, ଯାଇଛନ୍ତି । ମଝିଆଁ ପୁଅ ରାଧୁ ଖାଉଡ଼ିଗା ଘର ଜମିବାଡ଼ି କଥା ବୁଝନ୍ତି । ବାଟୀଏ ଜମି । ସକାଳୁ ସଞ୍ଜ ଯାଏ ରାଧୁକୁ ତର ନ ଥାଏ । ସବୁ ସାନ ଶ୍ରୀଧର ବୟସ ୧୨ ବର୍ଷ । ଗାଁ ଇସ୍କୁଲରେ ପାଠ ପଢ଼େ । ଛଡ଼ାଗଣ୍ଡା, ପଣକିଆ ସାଙ୍ଗ କମଳଲୋଚନ ଆରମ୍ଭ କଲାଣି । ବଡ ପୁତ୍ରଙ୍କର ଘରଦ୍ୱାର ହେବ ନୁଅଟିଏ ହୋଇଛି, ସେ ଅନୁକୂଳଶାଳେ, ସାନ ଭଉଣୀ ଦିନରାତି ଘର କାମ କରି କରି ମରୁଛନ୍ତି । ଟିଣ୍ଡେଇ ବୋଲି ଗୋଟିଏ ଗୁହଲାଣୀ । ସକାଳେ ଘଣ୍ଟାଏ ଆସି ବାସନ ଦିଟା ମାଜି ଦେଇ ପାଣି ଦୁଇଟା ଦେଇ, ଚାଲିଯାଏ ।

ସାନ ଭଉଣୀ ନେଢ଼ଙ୍କୁ ଦେଖି ବଡ଼ ଖୁସି ହେଲେ । ତାଙ୍କ ହାତ ପାଇଁ ଟିକିଏ ଜମିଯିବ । ପିଢ଼ା ପକାଇ ନରେଗୀ ହୋଇ ଘର ଦ୍ୱାର ସବୁ ନଣନ୍ଦ ହାତରେ ସମର୍ପି ଦେଇ ଅପେ ଟିକିଏ ଆରାମ ମାରିଲେ । ଠିକ୍ ରାଧୁ ବିଲରୁ ଫେରିବା ବେଳ ଦେଖି ପହିଁଆ ଝାଟା ଧରି ଅଗଣାଟାକୁ ଓଲାଉଥାନ୍ତି । ରାଧୁ ପଶୁ ନ ପଶୁ ପାଟି କରି ଉଠନ୍ତି "ଦଣ୍ଡ ବୋଲୁଚ ହାଡ ମୋର; ଆଉ କେତେ କରିବ ? ସକାଳୁ ସଞ୍ଜଯାଏ ତ ଅଣ୍ଟାଖଣ୍ଡ ବଗଡ଼ ହୋଇଗଲା ।"

ସେ ଦିନ ରାଧୁ ଟିକିଏ ରାଗି କରି ଆସିଲେ । କହିଲେ "ଡାହାଣୀକି, ନେଇ ଆସିଛ । ତାକୁ ଦ ପାଇଁଟି କହିଲେ କରି ଦେବ ନାହିଁ ?" ଭଉଣୀ କହିଲେ "ହଁ, ଚେଲେବସର ଝିଅ ସେ, ଅମେ ହେଲୁ ପର ଝିଅ, ଅମ ଦୁଃଖ ତାଙ୍କୁ କାହିଁକି ବାଧିବ ?" ସେ ଦିନ ସଞ୍ଜେ ସଞ୍ଜେ ସାନ ଭଉଣୀ ଗଣ୍ଡିଏ ପଖାଳ ପକାଇ ଦେଇ ସହଳ ଟିକିଏ ଶୋଇବାକୁ ଗଲେ । ନେଢ଼ି ବଡ଼ ଭଉଣୀଙ୍କୁ ଥିଲେ, ସାନ ଭାଇଙ୍କୁ, ମଧୁସୂଦନଙ୍କୁ ଖାଇବାକୁ

Digitized by srujan ka@gmail.com

ଦେଇ ଅଟେ ଘଣ୍ଟିଏ ଖାଇ ଶୋଇ ପଡ଼ନ୍ତି । ବାସନ ଯାକ ସେହିପରି ପଡ଼ି ରହୁଛି । ନେଢ ଭାବନ୍ତି, "ମୋର ଗରଜ, ଯାଉ ନାହିଁ ମାଜିବାକୁ ।"

ସକାଳୁ ଉଠି ସାନ ଭାଉଜ ପାଣିଚାକୁ ଲମ୍ବେଇ ଦେଲେ । "ହଇ ଗେଲବସର ଝିଅ, ଏଢାଳର ଝିଅମାନେ ଯେବେ ପାଇଟି କରିବେ ବସୁଧାତା ଆଉ ରହିବ ?" ଶାଶୂ ସେ ଅନୁପାତ କରି କହିଲେ "କାହିଁକି, ନେଢ କଣ ଏଠାକୁ ପୂଜା ପାଇବାକୁ ଆସିଛି କି ? ସେମିତ ହୋଇଥିଲେ ଗେରସ୍ତ ତାକୁ ଘଉଡ଼ି ଦଅନ୍ତା ?"

କଥାଟା ନେଢ ଦେହରେ ଛୁଞ୍ଚିପରି ବାଜିଲା । ମନେ ହେଲା ଏହି-କ୍ଷଣି ଉଠି ନଇଁପୁର ଚାଲିଯିବ । ସେ ଯିବା କରିଥିଲା ବାପଘରେ ଶରଧା ଆଦର ପାଇ ରହିବ । ସେ କଣ ଆଉ ଜାଣିଛି ଯେ ବାପ ମାଙ୍କ ଅନ୍ତେ ଭାଇ ଭାଉଜଙ୍କ ଘରେ ଏପରି ଅଣଆଦର ପାଇବ ।

ବଡ଼ ଭାଉଜ ପୋଖରୀ ଘରେ ରହି ସବୁ ଅବଦାର୍ ନେଢ ଉପରେ ଜାରି କରିଦେଲେ । ତାଙ୍କୁ ବା କିଏ କଥା କହିବ ? ସେ ଏ ଘରେ ସମସ୍ତଙ୍କଠାରୁ ବଡ଼ । ଗେରସ୍ତ ତାଙ୍କର ବାହାକୁ ଡାଟକୁ ଯାଇ କରଷତେଙ୍କ ଗତେହି ଦୁଇଶ ଟଙ୍କା ଘରେ ପୂରାଉଛି । ନେଢର ଟିକିଏ କିଛି ହେଲା ଦେଖିଲେ, ସେ ବି କହି ଉଠନ୍ତି "ସେମିତ ହୋଇଥିଲେ ହାତ ଧରିଲା ଲୋକ ପର କରି ଦଅନ୍ତା !"

ଗାଁରେ ସେଇ କଥା । ନେଢର ପ୍ରକୃତି ଟିକିଏ ଉଦ୍ଧତ । କାହାକୁ ପଦେ ଠାଣି କହିଦେଲେ ସେ ବି କହିଦିଏ "ତୁମେ ଯାଆ ଭାବ ଝିଅ, ତୁମର ଏଇ ପ୍ରକୃତି ଲାଗି ତୁମେ ହାତ ଧରିଲା ଲୋକଠାରୁ ଅଲଗା ହେଲ ।"

Digitized by srujan ka@gmail.com

ନେଉଳକୁ ଏ କଥାଗୁଡ଼ାକ ବଡ଼ ବାଧୁଥିଲା । ସେ ଆଶା କରୁଥିଲା କେବେ ନା କେବେ ଯଦୁ ଆସି ପହଞ୍ଚିବ । ଯଦୁର ଦେଖା ନାହିଁ । ସକାଳେ ସଞ୍ଜେ ସେ ଯିବେ, ଆଉ ଆସିବେ । ମାତ୍ର ତାର ଆଶା ଆଶାରେ ରହେ । ତାଙ୍କ ମୁହଁ ବେଳେ ବେଳେ ଦିଶିଯାଏ, ମାତ୍ର ସେ ନୁହନ୍ତି । ସ୍ୱପ୍ନରେ ଯଦୁକୁ ସପନରେ ଦେଖେ । ମାତ୍ର ସପନ କଥାକୁ କି ଆଶା ?

ଦୁଇ ଛଅଦିନ ବେଳକୁ ନେଉଳକୁ ବହୁଆଡରେ ପିଟିଲା ପରି ଲାଗିଲାଣି । ସେ ଗାଁ ଅଞ୍ଚଳ ଲୋକ ଆସିଲେ ଅବା ଯଦୁ କଥା ପଚାରନ୍ତା । କାହିଁ ସେ ଅଞ୍ଚଳ ତ କେହି ଆସୁ ନାହିଁ ।

ଯୋଗୀଟିଏ କନ୍ଦରା ବଜାଇ ଗାଉଛି ।

“ମଦନା କୁହାଇ ମଦନା କୁହାଇ
ମାୟାରେ ମୃଗିଣୀ ସେହୁ,
ମନୁଷ୍ୟ ହୋଇଣ ଜନ୍ମ ଲଭିଛନ୍ତି
ଗୋବିନ୍ଦଚନ୍ଦ୍ରରେ,
ଚୋର ପ୍ରାଣ ନେବା ପାଇଁ ।

ନେଉଳର ମନ ଶୋଇବାକୁ ମନ ହେଲା । ସତେ କି ସେତ ତାର ଦେବତାକୁ ଚହ୍ନିନାହିଁ । ସେତ ମାୟାମୃଗିଣୀ ପରି ଯଦୁକୁ ଆକଟାଏ ମାୟା ଫାନ୍ଦରେ ଭୁଲାଇ ରଖିଥିଲା । ସେ ବଚନ ତାର କୁହିଛି । ଆଜି ଯଦୁ ମୁକ୍ତ । ସେ ଆଜି ଆଉ କାହିଁକି ଫେରି ଆସିବ ?

ନେଉଳ ଧାଇଁ ଯାଇ ଯୋଗୀକୁ ଅନେକ ଥରେ ସେ ଗୀତଟି ବୋଲିବାକୁ କହିଲା । ଯୋଗୀଟି ଅନ୍ତର୍ଦ୍ଧାନ ହେଲା, ତା ଗୀତ ଆଉ ଥରେ ଗାଇବାକୁ କେହି କହନ୍ତି ନାହିଁ । ସେ ଦିନରାତି ଗାଉଥାଏ, ତା ଗୀତ

Digitized by srujan ka@gmail.com

କେହୁ ଶୁଣନ୍ତୁ ବୋଲି ତାର ମନେ ହୁଏ ନାହିଁ । ଅଙ୍କ ଯୋଗୀର ଗୀତ: କାହାକୁ ଭଲ ଲାଗୁଛି ? ସେ ଆନନ୍ଦ ଗଦ୍‌ଗଦରେ ଗାଇଲା ।

"ମଦନା ନୁହଇ ମଦନା ନୁହଇ
ମାୟାରେ ମୃଗିଣୀ ସେହୁ
ମନୁଷ୍ୟ ରୂପରେ ଜନ୍ମ ଲଭିଛନ୍ତି
ଗୋବିନ୍ଦଚନ୍ଦ୍ର ରେ
ତୋହର ପ୍ରାଣ ନେବା ପାଇଁ ।

ନେଢ଼ା ଧାଇଁ ଯାଇ ଦଳେ ଚାଉଳ ମାଣେ ଆଣି ଯୋଗୀ ଥାଳରେ ଅଜାଡ଼ି ଦେଲା । ସେ ଅଳ୍ପ ପାନ ଭାଉଜ ହୁଙ୍କାର କରି ଉଠିଲେ । "ଦେଖୁଛ ଦେଖୁଛ । ଅଳଅଳ ଝିଅ ଝନା । ଧାନ କୋଉ ଗଛରେ ଫଳୁଛି, ଚାଉଳ କୋଉ ଗଛରେ ଫଳୁଛି ସେ ଖବର ତାଙ୍କର କ'ଣ ଦରକାର ?" ସେଠି ମାମୁଁ ଘରେ ଖାଉଛନ୍ତି ।

ନେଢ଼ାକୁ ଗୁରୁଙ୍କ ବାଜିଲା ପରି କଥାଟା ଲାଗିଲା । ମାତ୍ର ସେ ମନ କଥା ମନରେ ମାରି ରହିଗଲା । ଯୋଗୀକୁ ପଚାରିଲା "ଯୋଗୀଦର ପୁଅ ! କୋଉ କୋଉ ଗାଁ ଆଜି ବୁଲି ଆସିଲଣି ।" ଯୋଗୀ ଜୀବନର ଦରଦ କେହି ବୁଝନ୍ତି ନାହିଁ । ଏକଥା ଶୁଣି ଯୋଗୀର ମନ ହଠାଏ ଉଲସି ଉଠିଲା । ସେ କହିଲା "ମା, ଭଲ ପଚାରୁଛ ଯୋଗୀର ଦୁଃଖ । ବୁଲି ବୁଲି ଏ ଗୋଡ଼ ଅଟକିଲାଣି । ହରିପୁର, ନରପୁର, ସଁପୁର, ନାଟୁଆ, ସାରୁଆ, ଡେଣୁଆ, ବାଳିକପୁର, ଧେଣୁଆ, ଦାରୁଠେଙ୍ଗ ଏତେ ଗାଁ ବୁଲି ସକାଳୁ ତମ ଗାଁକୁ ଆସିଲି ମା, ଏତେ ଗାଁ ବୁଲି କଣ ଥାଳ ପୂରିଲା । ଗାଁଏ ଗଲେ ମେଡେ, ଦଶ ଗାଁ ଗଲେ ସେରେ । ଯେତକ କର୍ମଲେଖା ସେତକ ତ ଭୋଗ ହେବ ।

Digitized by srujan ka@gmail.com

ନେଝ ଆଗ୍ରହରେ ପଚାରିଲେ "ନଈପୁର ଯାଇଥିଲ ? ସତେମ ନଈପୁର ଯାଇଥିଲ ? ସେ ଗାଁ ଖବର କ'ଣ ?" ଯୋଗୀ କହିଲା "ମା ଝୋଡ଼ଗାଁର ଖବର ଯୋଗୀ କ ଜାଣେ ? ଗାଁ ଦାଣ୍ଡେ ଦାଣ୍ଡେ ଯାଉ, ଦୁଆରେ ଦୁଆରେ ଭିକ ମାଗି ମାଗି ଫେରି ଆସୁ । ଆଉ ଖବର କ'ଣ ଆମକୁ ଜଣା ? ତେବେ ନଈପୁରେ ଅଜ ଜଣେ ସିପାହୀ ଡ଼ଏ ଅସିଥିଲେ ।" ନେଝ ଚମକି ପଡ଼ିଲେ । ସେଇ ସିପାହୀ ନୁହେଁ ତ ? ରଥିଆ ଅଉ ତାକୁ କ'ଣ କହିଲେ କି ? ପ୍ରକାଶ୍ୟରେ ପଚାରିଲେ "କଣ ହେଲା ? ସେ ସିପାହୀ କଣ କଲା ।" ଯୋଗୀ କହିଲା "ଏତେକଥା ତ ମୋତେ ଜଣା ନାହିଁ ମା । ତେବେ ସେ ଗାଁରେ ଯେଉଁ ପୁଝାରୀ ଘର ଅଛି"— ନେଝର ମନ ଉଚ୍ଛନ୍ନ ହେଲାଣି । "ହିଁ କ'ଣ ହେଲା ? ସେ ପୁଝାରୀକୁ ଧରିନେଲା ?" "ନାହିଁ ମା, ପୁଝାରୀକୁ କାହିଁକି ଧରିବ । ସେ ପୁଝାରୀର ସ୍ତ୍ରୀ ଟି ତାକୁ ଛାଡ଼ି ଚାଲି ଯାଇଛି । ସେ ସ୍ତ୍ରୀଟା ବଡ଼ ଚଣ୍ଡୀ । ଗେରସ୍ତଟାକୁ ପଦ୍ମ ଦଳ ଦପଦ୍ବରେ ସଭିଙ୍କ ଅଗରେ ବାଡ଼େଇ ପକାଏ; ସ୍ତ୍ରୀ କୁଠି ଶୁଣ୍ୟା ଅଛ ?" ଏକଥା ଶୁଣି ନେଝର ଛାତି ଫାଟି ଯାଉଥାଏ । ଛଗ ଯୋଗୀଟାଏ । ସେ ମଧ୍ୟ ଛୁ ଛ କରୁଛି ।

ମା ହ ପୂର୍ବ ଘଟନାଟା ନ ଶୁଣି ମନ ଥୟ ହେଉ ନାହିଁ । ପଚାରିଲେ "ଯୋଗୀପୁଅ, କ'ଣ ହେଲା କହ, ସେ ସିପାହୀଟା କାହିଁକି ଅସିଲା ?" ଯୋଗୀ କହିଲା "ମା, ମତେ ତ ଏତେ କଥା ମାଲୁମ ନାହିଁ । ସେ ପୁଝାରି କ'ଣ ମକଦ୍ଦମା କରିଛି ସେଥିପାଇଁ ସେ ସିପାହୀ ଅସିଥିଲା । ପୁଝାରି ତାର ସାଙ୍ଗରେ ଥାନାକୁ ଯାଇଛି ।" "ମକଦ୍ଦମା ? କି ମକଦ୍ଦମା ? କାହା ନାଁରେ ମକଦ୍ଦମା ? କ'ଣ ହୋଇଛି କି ପୁଝାରୀର ?" "ନାହିଁ ମା କ'ଣ ହେବ ? ସେଇ ସ୍ତ୍ରୀ ନାମରେ କରିଥିବ । ସେ ଚଣ୍ଡୀ ପଙ୍କ ବାସନକୁସନ ଲୁଗା ପଟା ସବୁ ନେଇ ପଳାଇଛି ।

Digitized by srujan ka@gmail.com

ନେଢର ଅଉ ଧୈର୍ଯ୍ୟ ରହିଲା ନାହିଁ । ସେ ହଠାତ୍ ବଢ଼ ପାଞ୍ଜ ଗୋଟାଏ ଘରେ ଦୁଅର ବଳ ଶୋଇ ରହିଲା—ଅଶିଥ ଅପିଅ ।

ଯେ ଯେତେ ଦୁଅର ବାଡ଼େଇଲେ ନେଢ ନ ଶୁଣେ, ଖାଇ ପିଇ ସମସ୍ତେ ସୁଖରେ ରହିଲେ । ବେଳବୁଡ଼େ ସିଧୁ ବଳରୁ ଫେରି ଦେଖେ ତ ନେଢର ପତ୍ତା ନାହିଁ । ସ୍ତ୍ରୀ ତାର ଅଗଣା ଖରକୁ ଖରକୁ ଯା ଲକ୍ଷ୍ମୀ ତା ବଢ଼ ଯାଉଛି, ଅଉଘରୁ ବଢ଼ ଯା ଫାଟି ଉଠୁଛି ! କଥା କ'ଣ ? ସିଧୁଟା ବାଠ ପରି ଠିଆ ହୋଇଛି । ନେଢ କାହିଁ ? ସ୍ତ୍ରୀ କହିଲା "ଖସ୍ରା-ବେଳେ ଗଉଣୀଏ ଗୁଜୁଳ ଯୋଗୀକୁ ଦେଇଦେଲେ, ମୁଁ ପଦେ କହିଲିରୁ ଏକା ଘିଦରେ ଦୁଅର ବଳ ଶୋଇଛନ୍ତି ଯେ ଏତେବେଳ ହେଲାଣି । ହେ କ'ଣ ମୋର ପର କମୁଲଖୁଣ୍ଡି-ଘର ଝିଅ ଯେ ଡର ମର ଚଳିବ ?"

ସିଧୁ ଡମ୍ ଡମ୍ ହୋଇ ଦୁଅରକୁ ଦୁଇ ଗୋଇଠା ମାରିଲା । ନେଢ ନେଢ ବୋଲି ବହୁତ ଡାକ୍ତାର କଲା । ଶବ୍ଦ ନାହିଁ । ଦୁଅର ଟା ଭଡ଼ା ହେଲା । ଦେଖିଲା ବେଳକୁ ନେଢ ଦେହରେ ଚେତା ନାହିଁ । ନିଃଶ୍ୱାସ ମାତ୍ର ଯାଉଛି, ଶୁଖିଲା କାଠଟି ପରି ନେଢ ପଡ଼ି ରହିଛି ।

ବଇଦ ଗୁଣିଅ ଡକାହେଲେ; ସୁଢ ପହଡ଼ବେ ନେଢର ଚେତା ଆସିଲା । ଖାଲି କହୁଥାଏ "ମନୁଷ୍ୟରୂପରେ ଜନ୍ମ ହୋଇଛନ୍ତି
ଗୋବିନ୍ଦଚନ୍ଦ୍ର ରେ
ତୋହ ପ୍ରାଣ ନେବାପାଇଁ ।"

ସମସ୍ତେ ଖା ପିଅ ଧୂଳେ । ନେଢକୁ ସାନସୁଉଳ ବହୁକଷ୍ଟରେ ଧାଖରେ ବସାଇ ଗଣ୍ଡାଏ ଖୁଆଇଲେ । ଯେଝାର ଯେ ଖାଇବାକୁ ଗଲେ, ସିଧୁଟା କେବଳ ଉଉଣୀ ପାଖରେ ପଡ଼ି ରହିଲା । ପାହାନ୍ତା ପହରକୁ ନେଢର ପୂରା ଚେତା ଆସିଲା । ସେ କହିଲା "ସିଧୁରେ, ସକାଳୁ ଟିକିଏ ନନ୍ଦପୁର ଯାଇ ଖବର ବୁଝି ଆସିବୁ" ସିଧୁ କହିଲା "ହଁ ଜାଣ, ତୁ ଶୋଇ ପଡ଼" ନେଢ କନ୍ତୁ ଶୋଇ ପାରିଲା ନାହିଁ ।

Digitized by srujan ka@gmail.com

—ଏଗାର—

ଉତ୍ଥଯ ଦେଶ୍ଚଥିଲ ଗୃହା ବଗିଗୃହ ଗଲେ ତାର ଦୁଃଖ ଗାଣି ପଡ଼ିବ । ଖାଲି କୋଠ ପିନ୍ଧା ବାବୁଠାରୁ ଯାହା ସେ ଶୁଣିଥିଲ ସେଥିରୁ ସେ ଭାବଥିଲ, ଗୃହା ବଗିଗୃଠା ଗୋଟାଏ ନନ୍ଦନ କାନନ ପରି ହୋଇଥିବ । ନାନା ରକମର ଫଳ ଫୁଲ ଫୁଟିଥିବ, ସେ ଖାଲି ତାକୁ ତୋଳି ତୋଳି ଆନନ୍ଦରେ ଦିନ କଟାଇବ ।

ପ୍ରଥମ ପ୍ରଥମରେ ତାର ଅନୁଭୂତ ମନ୍ଦ ହେଲ ନାହିଁ । ବୁଲ କପୋ ଅଫିସକୁ ଯାଉ ନ ଯାଉଣୁ ତାକୁ ଖାଇବା ଖୋରାକ ମିଳିଗଲା । ଡାକ୍ତର ଆସି ତା ଗୋଡ଼ର ସେହି ମଦାର ଫୁଲଟିକୁ ଔଷଧ ଲଗାଇ ଆରୋଗ୍ୟ କରିଦେଲେ । କଟକ ଷ୍ଟେସନରେ ଏତେ କନେଷ୍ଟବଲ ମଧ୍ୟରେ ସେ କଲସ୍ ଗଙ୍ଗରେ ଟାଙ୍ଗୀ ଚଢ଼ିଗଲ । ବାଟସାର ଖାଇବା ବନ୍ଦୋବସ୍ତ ।

କଲକତାରେ ଓଡ଼ିଆ ଅଫିସକୁ ଗଲ । ବୁଲି ବୁଲି କଲକତା ସହର ଦେଖିଲ, ଓଃ କଲିକତା କି ସହର । ଯାଦୁଘର, ଚିଡ଼ିଆଖାନା, ମାଈଅ ବୁରୁଜୁ, ଦମକଲ, ବାବାରେ । ଘର ଗୁଡ଼ାକ ଦେଖିରେ ଅକ୍ଲିପରି ଆକାଶକୁ ମୁଣ୍ଡ ଟେକି ରହିଛି । ସଡ଼କ ଗୁଡ଼ାକ ଘରାଘରର ଚଟାଣ ପରି ପଥର ପଥ । ଟ୍ରାମ୍, ମଟର, କଲାପୋକ ପରି ସାଲବାଲ ହେଉଛନ୍ତି ।

ମେଦିନୀ କପରେ ଜାହାଜରେ ଗଲ । ଓଃ କି ଭୀଷଣ ଜଳ, ଠିକ୍ ସମୁଦ୍ର ପରି, ବଣୀ ବଜାଇ ଜାହାଜ ଗୁଲୁଛି, ସରକାର ଏତେ କି ବଣିକଳ ନ କରୁଛି ? ଇଥିଅର ଛଡ ଦିନ୍ କନା ହୋଇଗଲା—ସେ ଯେ ସରକାର ଲୋକକୁ ମାଉଛି ! ଫେରେ ମନକୁ ଦମ୍ଭ ବାନ୍ଧି ନେଲା—ସେ ଯେ ଗୃହା ବଗିଗୃହ ଯାଉଛି । ବାବୁ କହନ୍ତି ସେଠାରେ ସାହେବ ବନ୍ଧୁ ନାହିଁ ।

Digitized by srujan ka@gmail.com

ମାତ୍ର ଗୃହା ବଗିଚାକୁ ଯାଇ ଦେଖିଲେ ଯେ, ଅବସ୍ଥା ଅନ୍ୟ ପ୍ରକାର । ଏ କି ଦେଶ । ଖାଲି ପାହାଡ଼, ପାହାଡ଼ ପାହାଡ଼ । ସବୁବେଳେ ଥଣ୍ଡା । ବନ୍ଧୁକ ମାଡ଼ି ଅସିଲା ପରି ବାଦଲମାନ ଦଉଡ଼ୁଛି, ମଝିରେ ମଝିରେ ଝିପ୍ ଝିପ୍ ବର୍ଷା । ଦନ୍ତ କହ୍ୱଲ ମାରି ଯାଉଛି ।

ସେଥିରେ ପୁଣି ଗାଡ଼ି ପରିଶ୍ରମ, ସକାଳୁ ସଞ୍ଜ ଯାଏ ଖାଟୁଣି । ଘାମରେ ଶିନଶିଲ୍ପ ହେଲେ ପୁଣି ବେତ ମାଡ଼ । ବାପାଲେ । ସାଇବ ଭଯ୍ଯୁ ଛାଡ଼ିବ ଜଣ ମ । ଏଠିତ ସାଇବ ଗୁଡ଼ାକ ମେଞ୍ଚା ମେଞ୍ଚା । ତାଙ୍କୁ ଦେଖିଲେ କି ଡର । ଠକ୍ ଠକ୍ ଗୋଡ଼ ଦେଖିବାକୁ; କାହାର କାହାର କଣ ବ ଅଛି । ବାଡ଼ ଖଣ୍ଡିଏ ଖଣ୍ଡିଏ ହାତରେ; ଗୃହ ଅସିଲା ବେଳକୁ ସବୁ କୁଲିଙ୍କ ଛାତି ଥରି ଉଠୁଛି ।

ସେ ଥଣ୍ଡାରେ ରଥିଆକୁ ପ୍ରଥମ ଯାଉ ଯାଉ ଜର ହୋଇଗଲା ପଥି ପାଞ୍ଚଣ ଦେବ କିଏ ? ବାର୍ଲି ପାଣି ଟିକିଏ ପିଇ ଡାକ୍ତରଖାନାରେ ପଡ଼ିବାକୁ ହେଲା । ତାର ତ ପଖାଳ ଖିଆ ଦେହ; ବାର୍ଲି ପାଣିରେ ତା ଛତି ପିନା ଓଦା ହେବ, ସେ କଂସା ଲଗା ପେଟ ଗୃଖଣ୍ଡକ ମାନୁଛି କେତେବେ ? କୁମ୍ଭାର ଜହ୍ନା ପରି ବେଳେବେଳେ ତାଠି ଉଠୁଛି । ରଥିଆ ଏବେ ଦୁଃଖ କହିବ କାହାକୁ ?

କେତେ କୁଲି ସେଠାରେ ଅଛନ୍ତି । ଅଧିକାଂଶ ପିଲା କବଲା ଧରି ରହିଛନ୍ତି । ରଥିଆର କିଏ ଅଛି ଯେ ତା କଥା ବୁଝିବ ? ଅବଶ୍ୟ ଘରେ ତ ତାର କେହି ନ ଥିଲେ । ବନ୍ଧୁ ବା ପିଉସୀ ଠା । ତାର ଗଣ୍ଡେ ... ତଥି ଗାଁରେ ଖିଆ, ଛଗା କେତେ ସାଙ୍ଗ । ... ଚମ୍ପା ବାଉରୁଣୀ, କେତେ ରଙ୍ଗରସ, ଗାଁ ଅମ୍ବଗଛ ମୂଳ; ସବୁ ଆଖି ଆଗରେ ଝଲସି ଉଠେ

Digitized by srujan ka@gmail.com

କାହିଁକି ସେ ସିପାହୀଟାକୁ ହେ ମାଇଲଟି ? ଯଦୁ ଗୋସେଇଁ ପାଙ୍ଗରେ ଏବେ ବୈଠ୍କ ଧୋବାକୁ ତାର କ ଗରଜ ପଡ଼ିଥିଲା ? ସେ ଏବେ ମଦନା ମାରୁ ଲୁଣ୍ଠାଇଲା, ରଥିଅର କଣ ଯାଉଥିଲା ଯେ ସେ ଯାଇ ବଲକ୍ଷେଣ କରୁଥିଲା ? ସେଇ ନେଉ । ବେଳେ ବେଳେ ଝିକିଏ କଅଁଳ ଧପ ଦେଇ ରଥିଅକୁ ହୃଦୟରେ ପକାଇଲା । ଶେଷକୁ ଦେଖେଇଲା ଝାଡ଼ୁମାରୁଠା !

ଏ ବୃଦ୍ଧା ବଣିଗୁ କାମ କ'ଣ ତାକୁ ଅରୁଛି ? ସେ କାମକୁ ବାହାରିଲା ବେଳକୁ ତାର ମୁଣ୍ଡ ବଥାଉଛି । ସେ କାମରେ ଭୁଲ କରୁଛି । ମଝିରେ ମଝିରେ ଗୃବୁକ ମଧ ଖାଉଛି । ସିପାହୀ ଦୁଇଟି ଗୃପୁଡ଼ା ମାରିଥିଲା ବୋଲି ରଥିଅ ତାକୁ ଗଛରେ ବାନ୍ଧି ପକାଇ ଏତେ ଦଶା । ଏବେ ନେଉ ବାପ ପିଠିରେ ଛେଚିବ । ଦଶ କୋରଡ଼ା ଖାଇଲେ ମଧ ସହୁ ।

ପୁଣି ନିଃସଙ୍ଗ ଜୀବନ, ତା କୁଡ଼ିଅଟିରେ ସେ ଏକୁଟିଆ । ପାଖ ପଡ଼ିଶା ଘରେ କେତେ ଲୋକ ଛୁଆ ପିଲା ନେଇ ସୁଖରେ ଅଛନ୍ତି । ରଥିଅ ପାଇଁ କାହା ମୁଣ୍ଡ କାହିଁକି ବଥାଇବ ? ଅଡ଼ ଅଖିରେ ତାକୁ ଚାହିଁବାକୁ ଲୋକ ନାହିଁ ।

ରଥିଅର କୋହ ଉଠିଲା । ପାଅଛଅ ଦନ ନ ଯାଉଣୁ, ତା ଭିତରୁ ବାହାରିଲା "ବାବା ହେ ବଣ୍ଡନାଥ ! ପାର କର । ଏ ଦଶାରୁ ପାର କର । ଜାଅଲ ପଛେ ଦେଉ, ମୋ ସେ ନରସିଂପୁରର କୁଡ଼ିଅ ଘରକୁ ମତେ ନେଇ ଯାଅ ।"

ରଥିଅ ହୃଦୟରେ ଠାକୁରଙ୍କୁ ଡାକିବା ଏଇ ପ୍ରଥମ, ଲଙ୍କାରେ ହବ ଶବଦ ।

Digitized by srujan ka@gmail.com

— ବାର —

ସେ ଦିନ ସକାଳ ହୋଇ ନ ହୋଇଣୁ ସିଧୁ ବାହାରି ପଡ଼ିଲେ, ପିଲ୍ ଲେକ ସେ, ନନ୍ଦପୁର ଗାଁ ସେଠାରୁ ପ୍ରାୟ ୩ ମାଇଲ ବାଟ, ବାଟ ତ ତାକୁ ଜଣା ନାହିଁ । ନ ଗଲେ ତ ନ ଚଳେ, ନାଗର ଅବସ୍ଥା ଏପରି, ନାଗଟିକୁ ସିଧୁ ବଡ଼ ସୁଖ ପାଏ, ଭାଉଜମାନଙ୍କ ଜ୍ୱାଳା ତାକୁ ମଧ ଅସହ୍ୟ ଲାଗେ, ଭାଉଜମାନେ ତାକୁ ମଧ ଭଲ ବ୍ୟବହାର କରନ୍ତି ନାହିଁ । ସେଇ ରାଧୁ ଭାଇ ସେଇ ମଧୁ ଭାଇ ତାଙ୍କ ସ୍ତ୍ରୀ ମାନ ଆସିବା ଆଗରୁ ଭାଇ ଭଉଣୀଙ୍କୁ ଗଳାର ମାଳ କରିଥିଲେ । ପରକୁ ସ୍ତ୍ରୀମାନ ଆସିବା ସଙ୍ଗେ ସଙ୍ଗେ କିପରି ଏମିତି ବଦଳି ଗଲେ !

ମଧୁ ଭାଇ ସ୍ତ୍ରୀ ଆସିବା ପରେ ତାର କଥାରେ ବସିଲେ ଉଠିଲେ, ତାକୁ ଦେଖି ରାଧୁ ଭାଇ କଣ ଶତ୍ରୁ ନ ଥିଲେ । ସେଇ କହୁଥିଲେ "ମର୍ଦ୍ଦପିଲା, ମାଇପି କଥାରେ ଏତେ କଣ ଚଳିବ ? ମୁଁ ହୋଇଥିଲେ, ଏପରି ସ୍ତ୍ରୀକୁ କଦଳୀ କାନ୍ଧରେ ପୋତିଆ ଧରନ୍ତି" । ସେଇ ରାଧୁ ଭାଇ ପୁଣି ଏପରି ବଦଳି ଗଲେ ।

ନାଗ ଦିଥର କହୁଥିଲାଣି "ସିଧୁ ମଧ ଏହିପରି ବଦଳି ଯିବ ଯେ ।" ସତେ କଣ ତାର ମଧ ଏଇ ଦଶା ହେବ । ତା ହେଲେ ତାର ବିବାହ ନ କରିବା ଭଲ, ସ୍ତ୍ରୀଟିଏ ଘରକୁ ଆସିଲେ ଯେବେ ବାପ, ମା, ଭାଇ, ଭଉଣୀ, ସ୍ନେହ ପ୍ରୀତି, ବନ୍ଧୁ, ବାନ୍ଧବ ସବୁ ପର ହୋଇ ଯାଆନ୍ତିବେ, ତା ଠାରୁ ଅବିଅଢ଼ ରହିବା ଭଲ ।

ନାଗର ଦୁଃଖ ଦେଖି ତା ଦେହ ଫାଟି ପଡ଼ୁଥାଏ, ଘରୁ ବାହାରି ହେଲା ବେଳକୁ ଚକରା ବାଉରିକୁ ଡାକିଲା । କହିଲା "ଦେଖ, ମୁଁ ଟିକେ ମାଣେ ଧାନ ଦେବି, ତୁ ହିଁ ଏ ମୋ ଘରେ ନାନୀ ଶାଶୁଘର

Digitized by srujan ka@gmail.com

ି। ଧାଏ ଯାଇ ପାରିବୁ ?" ଚକିରି ଖୋଜ ହେଲା । ୩ ମାଇଲ ବାଟ ଗଲେ ଯେବେ ମାସେ ଧାନ ମିଳିବ, ଚକିରି ଏ ସୁଯୋଗ ଛାଡ଼ିବ କିଆଁ ?

ଦୁଇଜଣ ଯାକ ସାଙ୍ଗ ହୋଇ ନରପୁର ଗାଁକୁ ଗଲେ, ପହଞ୍ଚିଲା ବେଳକୁ ବେଳ ପ୍ରାୟ ୧୦ଟା, ଯଦୁ ପୂଜାରୀ ଦୁଆରେ ତାଲା । ମଦନା ମା ଜଗମୋହନ ଘର ଓଲାଉଛି । ଯଦୁ ବୁମା ମଦନା ଥାନାରୁ ଫେରି ନାହାନ୍ତି । ଆଉ କାହାକୁ ନ ପାଇ, ସିଧୁ ମଦନା ମା ପାଖକୁ ଗଲା, କହିଲା "ମାଉସି, ଏ ଯଦୁ ଗୋସେଇଁ କୁଆଡ଼େ ଗଲେ କି ?" ମଦନା ମା କହିଲା "କାହିଁକି ?" ସିଧୁ କହିଲା "କାମ ଅଛି" "କି କାମ କହ ? ତମ ଘର କେଉଁଠି ?"

"ଆମ ଘର ମନୋହରପୁର, ଯଦୁ ଗୋସେଇଁ ଆମର ବନ୍ଧୁ "

" ଓ ! ତମେ ନେଡ ସାନ୍ତାଣୀଙ୍କ ଭାଇ କି ?"

ସିଧୁ ମୁଣ୍ଡ ଟୁଙ୍ଗାରିଲା ।

ମଦନା ମା କହିଲା "ଓଳକି ଓଳକି ମାହାପୁରୁ"

ମଦନା ମା ଭାବିଲା, "ନେଡ ସାନ୍ତାଣୀଙ୍କର କାହିଁକି ଏତେଦିନେ ଯଦୁଗୋସେଇଁଙ୍କ କଥା ମନେ ପଡିଲା," ସେ ମନେ ମନେ ଏକ ଗୁଣ୍ଟକି ପାହିଲା, ଟିକିଏ ଧମକ ଦେଇ ଦେଲେ କାମଟା ହାସଲ ହୋଇଯିବ ସେ ।

କହିଲା "ଗୋସେଇଁ, ଅଉ ପୋଡ଼ଗଲା ଛଅଣରେ ପ୍ରାଦୁ କ'ଣ ? ଦୁଗୋସେଇଁ ତ ଅଜ ଗୋଟିଏ ସଂହାର କରିବାର ବନ୍ଦୋବସ୍ତ ହେଲେଣି"

ତଥା ଶୁଣି ନାଗିର ଦଶା କଥା ବଗିଚ ସିଧୁ ହଫା ଚମକି ଲା । କହିଲା "ଏଁ, ସତେ ? କାହିଁକି କଣ ହେଲା କି ?" ମଦନା ମା

Digitized by srujan ka@gmail.com

କହିଲା "କଣ ହବ କଣ ? ତମକୁ କଣ ଚିହ୍ନା ନାହିଁ ? ଯେଉ ସାନ୍ତାଣୀ ଯେତେଦିନ ଏଠାରେ ଥିଲେ, ସଞ୍ଜ ସକାଳେ ବଗୁରକୁ ଠୁଣେ ଗେବରେ କଣ୍ଠ ରଖିଥିଲେ, ତାଙ୍କ ଜାଲା ଯଦୁ ଗୋସେଇଁ ଯାହା ସହିଥିଲେ, ଏ ସାରୁ ପୃଥିବୀରେ କେହି ସହିବ ନାହିଁ, ଶେଷକୁ ଗଲେ ଦେଶକୁ ଘରର ଯନ୍ତ୍ର ଅସବାବ ଦେଇ ଚାଲିଗଲେ । ବଗୁର ଗଲେ କାଟର ? ହଉ ଗଲେ ତ ଗଲେ, ଦିନେ ଓଳିକେ ଫେରି ଆସନ୍ତେ ନାହିଁ, କିଛି ଖବର ନାହିଁ ଅନ୍ତର ନାହିଁ, ସାତ ସର ତ ଏସବୁ କହିବ ନାହିଁ ।"

ସିଧୁ ପଚାରିଲା "ଯଦୁ ଗୋସେଇଁ ଏବେ ଗଲେ କୁଆଡ଼େ ?"

ମଦନା ମା ମୁଣ୍ଡି ଟିକିଏ ବଙ୍କାଇ କଥାଟା । କହିଲା "ଯାଇଛନ୍ତି ସବୁ ମକଦ୍ଦମା କରିବାକୁ," ସିଧୁ ପଚାରିଲା "ମକଦ୍ଦମା ! କି ମକଦ୍ଦମା ? କଣ ନାଣୀ ନାଁରେ" ? ମଦନା ମା ନଜାଣିଲା ପରି କହିଲା "ହୋଇଥିବ ମୁଁ ମାଇପି ଲୋକ; ମୁଁ ଏତେ କଥା କି ଜାଣେ ? କ'ଣ ତ ତାଙ୍କର କଥା କହୁଥିଲେ"

ସିଧୁର ଅନ୍ତରାତ୍ମା କମ୍ପି ଉଠିଲା । ତାର ଅଙ୍ଗ ପାଦ ଚଳିଲା ନାହିଁ । ସେ ସେହିଠାରେ ଅବାକ ହୋଇ ବସି ରହିଲା । ତାକୁ ପୃଥିବୀ ଘୁରିଲା ପରି ଲାଗିଲା ।

ପିଲା ଲୋକ ସେ । ସଂସାରର ଛନ୍ଦ କପଟ ତାକୁ କିଛି ଜଣା ନାହିଁ । ତାର ହୃଦୟ ତାର ନାଣୀ ପ୍ରତି ସମବେଦନାରେ ଭରି ଉଠିଲା ।

ମଦନା ମା ତା କାମରେ ଲାଗିଲା । ଅଗତ୍ୟା ଚକ୍କରକୁ ସଙ୍ଗରେ ନେଇ ସିଧୁ ଗାଁକୁ ଫେରିଲା । ଯିବାକୁ ଯେଉଁ ବାଟ ତାକୁ ତିନି ମାଇଲ ପରି ଲାଗିଥିଲା, ଫେରିବାକୁ ସେହି ବାଟ ତାକୁ ଦଶ ମାଇଲ ପରି ବୋଧ ହେଲା ।

Digitized by srujan ka@gmail.com

ଗାଁରେ ପହଞ୍ଚି ସିଧୁର ଗୋଡ଼ ଉଠୁନ୍ଥ ନଥାଏ । ତାର ପିଣ୍ଡକୁ ଯିବେ ଅବା ପଞ୍ଚବାୟୁ ଉଡ଼ିଗଲାଣି । ସତେ ଯବା ସେ କେଉଁଠି ଗୋଟାଏ ନରହତ୍ୟା କରି ଆସିଛି ।

ଏଣେ ନେଢ ବାଟ ଚାହିଁ ବସିଛି । ତାର ମନରେ ଗୁରୁ ଦମ୍ଭ ଯେ ଯଦୁ ଗୋସେଇଁ ତାକୁ ଏତେ ଅନ୍ତର କରି ପାରିବେ ନାହିଁ । ସେ ଆଶା କରିଥିଲା, ସିଧୁ ସାଙ୍ଗରେ ଯଦୁ ଗୋସେଇଁ ମଧ୍ୟ ଆସିବେ । ଯେତେ ବେଳ ଉଜୁର ହୁଏ; ତାର ଛାତି, ସେତିକି ଦାଉଁ ଦାଉଁ ପଡ଼େ ଉଠେ ।

ଠିକ୍ ମୁହଁ ସଞ୍ଜ ବେଳକୁ ସିଧୁ ଚୋରଟି ପରି ଗୋଡ଼ ଚିପି ଚିପି ଘରକୁ ପଶିଲା । ନେଢ ତାର ଚେହେରା ଦେଖି ବୁଝି ପାରିଲା ଯେ ସମ୍ବାଦ ଭଲ ନୁହେଁ । ତଥାପି ତାର ଅବୋଧ ମନ ବୋଧ ମାନିଲା ନାହିଁ । ସିଧୁ ନାନା ପାଖରେ ଆସି ଭୂନ ହୋଇ ଠିଆ ହେଲା, କଣ କହିବ ଭାବି ପାରିଲା ନାହିଁ । ନାନା ମଧ୍ୟ ପଚାରିଲେ ଜାଣିଲେ ଗୋଟାଏ ଅପ୍ରତ୍ୟାଶିତ ଦୁଃସମ୍ବାଦ ପାଇବ ବୋଲି କିଛି ପଚାରି ପାରିଲା ନାହିଁ । ଘଡ଼ିଏ କାଳ କେହୁ କାହାକୁ କିଛି କହିଲେ ନାହିଁ । ଶେଷରେ ନେଢ ପଚାରିଲା "କରେ ଖବର କଣ" ? ସିଧୁ କହିଲା "ନାନା, ଦେଖା ପାଇଲି ନାହିଁ । ସେ ଘରେ ନାହାନ୍ତି" "ଘରେ ନାହାନ୍ତି ? କୁଆଡେ ଯାଇଛନ୍ତି ? ନାହିଁ ସେ ତ ଘର ଛାଡ଼ି କୁଆଡ଼େ କେବେ ଯାନ୍ତି ନାହିଁ ।" ସିଧୁ ଆଉ କିଛି କହି ନପାରି କାନ୍ଦି ପକାଇଲା । ଅବସ୍ଥା ଦେଖି ନେଢର ଗୋଡ଼ ଚଉହି ଅବଶ ହୋଇ ଆସିଲା । ସେ ଧୈର୍ଯ୍ୟ ଧରି ପଚାରିଲା । "କେତେ କଥା କଣ ? କହନ୍ତୁ"

ସିଧୁ କହିଲା "ନାନା, ସେ ଯାଇଛନ୍ତି ମକଦ୍ଦମା କରିବାକୁ ।" ନେଢ ଭାବିଲା, ସତେତ ! ଯୋଗୀ ଯାହା କହିଥିଲା ସତ ।

Digitized by srujan ka@gmail.com

ସେ ଧାରଣା କରି ପାରିଲା ନାହିଁ ତାର ଶର ଉଦାସ ଢଙ୍ଗ ଉଦାର ସ୍ୱାମୀ ଏ ଦୁର୍ବୁଦ୍ଧି କାହାଠାରୁ ପାଇଲେ । ତା'ର ଅଖି ଆଗରେ ଖାଲି ଯଦୁର ସେଇ ଛଳ ଛଳ ମୁହଁଟି ନାଚି ଉଠିଲା । ସେ ଆଉ ସ୍ଥିର ପାରିଲା ନାହିଁ, ପଚାରିଲା "ଚକର ? ଚକର କୁଆଡ଼େ ଗଲା ?" ସିଧୁ ଉତ୍ତର କଲା "ଚକର ତା ଘରକୁ ଗଲାଣି" ।

ନେଢ ସେଇଠାରେ ବସି ପଡ଼ିଲା । ସେ ଦିନ ତାର ରାତିରେ ଖାଇବା ହେଲା ନାହିଁ, ଯେ ଯେତେ ଡାକିଲେ ସେ ଶୁଣିଲା ନାହିଁ । ସେଇଠାରେ ମୂକ ପରି ବସି ରହିଲା । ରାତିରେ ସେହିଠାରେ ତାର ତନ୍ଦ୍ରା ଆସିଗଲା । ସାରା ରାତି ସେ ଯଦୁ ଗୋସେଇଁଙ୍କୁ ସ୍ୱପ୍ନ ଦେଖୁଚ । ଯେତେଥର ସେ ଯଦୁ ଗୋସେଇଁଙ୍କୁ ସ୍ୱପ୍ନ ଦେଖିଲା, ପ୍ରତ୍ୟେକ ଥର ସେ ଦାନ୍ତରେ କୁଟା ଧରି ଗୋଡ଼ତଳେ ପଡ଼ୁଛି ଆଉ କହୁଛି, ମୁଁ ତ ତୁମ ବାଟ ଛାଡ଼ି ବସିଛି ; ତୁମେ ମକଦ୍ଦମା କରନାହିଁ ।

Digitized by srujan ka@gmail.com

—ଚଉର—

ତିନି ଦିନ ପରେ ଯଦୁ ଗୋସେଇଁ ଗାଁକୁ ଫେରିଲେ । ସାଙ୍ଗରେ ମୁନ୍ସି, ଜମାଦାର, ବରଜୁ ସିପାହି, ଦୁଇଟା ଚପ୍ରାସିଅ, ଜଣେ ଦଫାଦାର —ମୋଟ ଉପରେ ଗୋଟେ ଲୋକ । ମକଦ୍ଦମା ତଦନ୍ତ ଲାଗିଲା । ଯଦୁ ଗୋଡ଼ ପାଞ୍ଚ ହାତରେ ପଡ଼ୁଥାଏ । ସମସ୍ତେ ଆସି ଡାକ ଦୁଆରେ ହେଉସ କଲେ । ଦ ଦଣ୍ଟା ପ୍ରେସିଡେଣ୍ଟ ତାର ଦୁଆରକୁ ଦାନସ୍ନାନ ଚବେଶି ଘଣ୍ଟା ଦଉଡ଼ୁ ଥାନ୍ତି ।

ଏଥିରେ ଯଦୁ ଗୋସେଇଁର ପରିଶ୍ରମ କିଛି କମ୍ ନୁହେଁ । ଏ ସମସ୍ତଙ୍କ ପାଇଁ ତାକୁ ବନ୍ଦୋବସ୍ତ କରିବାକୁ ହୁଏ । ସେଥିରେ ବାସ୍ତବ କାହିଁରେ କ'ଣ । ବରଜୁ ସିପାହି ଆସି କହୁଥାଏ "ଗୋସେଇଁ ଆଜ ନଡ଼ିଆ ସାକରଟାଏ କରିବାକୁ ହେବ" ଯଦୁ ନାରୁର; ମରିପଡ଼ ହେଉଠୁ ନଡ଼ିଆ ଆଣ, କାହା ଘରୁ କୋରଣା ଆଣ । ଖେତେବେଳେ ଉବେଳାରେ ୧୦ ସେରିଆ ମାଛଟାଏ ଆସି ପହଞ୍ଚି ଯାଏ । ଯଦୁକୁ ସେତକ ରାନ୍ଧି ହଦିଦ ମୁତାବକ ୫ ପ୍ରକାର ତରକାରି କରି ସୁବର୍ଣ୍ଣର ଫଳକପରି ଗୋଠକ ଯାକକୁ ପରଶି ଖାଇବାକୁ ଦେବାକୁ ହୁଏ ।

ଏଥିରେ ପୁଣି ତହ ଖର୍ଚ୍ଚ କମ ନାହିଁ । ପ୍ରେସିଡେଣ୍ଟମାନେ ଚାଉଳ ମୁଗ ନଡ଼ିଆ ସବୁ ସିନା ହାଜର କରନ୍ତି । ମଝିରେ ମଝିରେ କୋଉ କଥା ଅଘଟ ପଡ଼ିଲେ ଯଦୁକୁ ଅଣ୍ଟାରୁ ଟଙ୍କା ଦଟଙ୍କା ଖର୍ଚ୍ଚ କରିବାକୁ ପଡ଼େ ।

ସେଥିରେ ପୁଣି ଦର୍ଶନ ନାକଫୋଡ଼ିଆ ନାମରେ ପାଣିଲାଗି କରିବାକୁ ହେବ । ମୁନ୍ସିବାବୁଙ୍କ ପୁଅ ରଇମାନ ନାଁରେ ମଧ୍ୟ ମଝିରେ ମଝିରେ ପାଣି ଢାଳିବାକୁ ପଡ଼େ । ଏସବୁ କାର୍ଯ୍ୟରେ ରମା ଓ ମଦନା ମା ଯଥେଷ୍ଟ ସାହାଯ୍ୟ କରନ୍ତି । ରମା ତ ଚବିଶ ଘଣ୍ଟା ଯଦୁ ଗୋସେଇଁ ପାଖ ଛାଡ଼େ

Digitized by srujan ka@gmail.com

ନାହିଁ ! ହାତିକୁ ସବୁ ଯୋଗାଇ ଦିଏ । ନଦେଲା ମା ମାଛ କାଟିବାଠୁଁ ନେଇ ବାଢ଼ିବାଠୁଁ ସବୁ ଅଣ୍ଟ ପାଇଁ ଟିଯାଏ ତୁଳାଇ ଦିଏ ।

ଯଦୁକୁ ସିନା କଷ୍ଟ ହେଲେ, ତାର ମାନ ମର୍ଯ୍ୟାଦା କିନ୍ତୁ ଏ ମକଦ୍ଦମା ତଦନ୍ତ ଫଳରେ ବହୁଗୁଣରେ ବଢ଼ି ଯାଇଛି । ଗାଁ ରେ ପୁଲିସ ଆସିଛନ୍ତି ବୋଲି କୋଳିଆ ଜମ୍ବୁ ହୋଇଯାଇଛି । ଲୋକେ ସେ ବାଟେ ଯିବା ଆସିବା କଲାବେଳେ ଗୋଡ଼ ଚିପି ଚିପି ଯାଉଛନ୍ତି । ମାତ୍ର ଯଦୁ ଯଦି ଟିକିଏ ବାହାରକୁ ଯାଏ ତ ତେରଲୋକ ତାକୁ ପ୍ରଶ୍ନ କରନ୍ତି "ମୁନ୍ସି ବାବୁ କ'ଣ କହୁଛନ୍ତି ?" "ଆଜି କ'ଣ ରନ୍ଧାବଢ଼ା ହେଲା ?" "ମୁନ୍ସି ବାବୁଙ୍କର କେତେ ଦରମା ?" "ମୋ ନାଁରେ ମୁନ୍ସି ବାବୁଙ୍କୁ କହିଥିବ ; ମୁଁ କାହାର ହାନି କ ଲାବରେ କଥାଏ" ଇତ୍ୟାଦି । ଏ ସବୁ ପ୍ରଶ୍ନ ଶୁଣି ଯଦୁ ମନରେ ବଡ଼ ଗର୍ବ ହୁଏ । ସେ ଭାବେ ସେ ଜଣେ ବଡ ବିଖ୍ୟାତ ଲୋକ । ଗାଁର ସମସ୍ତେ ତାର ମୁହଁର କଥା ପଦକୁ ଗୁହିଁଛନ୍ତି ।

ସେ ଦିନ ଭିଖା ଯଦୁକୁ ସତ କହି ପଚାରିଲା "ଗୋପେଇଁ, ବଡ଼ ବଡ଼ ଲୋକଙ୍କ ସଙ୍ଗେ ମିଶୁଛ । ଅମ ଗରିବ ଗୁଡ଼ାଙ୍କୁ ପାସୋରି ଦେବ ନାହିଁଟି ?"

ମକଦ୍ଦମା ତଦନ୍ତ ଛଅ ଦିନଯାଏ ଲାଗିଲା । ମୁନ୍ସି ବାବୁ ଗାଁରୁ ଡେରା ଉଠାଇଲେ । ମାତ୍ର ବଜରୁ ସିପାହୀ ନ ଯାଏ । ସେ ଗାଁଙ୍କ ଘର ସେଇଠି ଲାଗି ମାଜନ ଘଟି ହେଉଥାଏ । ସକାଳ ହେଲେ ଗୋପେଇଁଙ୍କ ବରାଦ ହୁଏ "ଗୋପେଇଁ ଆଜି କେଉଁଠି ମାଛର ଖଟାଟେ କର" "ଆଜି ନଡ଼ିଆର ବରି କରିବ" ଆଜି ଜମପିଠା ଖାଇବା ଇତ୍ୟାଦି । ଯଦୁ ଭାବେ ସତେ କେଉଁ ବରଙ୍କୁ ସିପାହୀର ଗୋପେଇଁ ତାଠାରୁ ସେ ଗାଁରେ ପଞ୍ଚଶ ଥିଲା । କିନ୍ତୁ ଗୁଣ କାହିଁ ? ଧାଇଁ ଧପଡ଼ କରିବାକୁ ହୁଏ ।

Digitized by srujan ka@gmail.com

ମାଧବେ ।, ଅଜ୍ଞ କାଏ ହୋଇଥିଲେ ମୁଁ ମାର ମାତ୍ର ଥଣ୍ଡା କର ଦଅନ୍ତି" ଯଦୁ ଭାବିଲ, ମୋର ଦୋଷ କ'ଣ ? ପ୍ରକାଶ୍ୟରେ କହିଲା, ଅଜ୍ଞ କଣ କରିବ, ମଫସଲି ଲୋକ ତ ମୋର ହାକିମ ହୁକୁମାଙ୍କ ସଙ୍ଗରେ ଚଳିବା ପାଇଁ ବୁଦ୍ଧି କେତେ ?

ଅଳ୍ପ ଦିନେ ଅଜ୍ଞ ଗୋଟିଏ ଘଟଣା ଘଟିଲା, ମାତ୍ର ତାହା ଏତେ ଗୁରୁତର ନୁହେଁ । କଥାଟାର ପୂର୍ବମର୍ମ ମଧ୍ୟ ଏ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ, ଅର୍ଥାତ୍ ସେ ଦିନ ରାତିରେ ବରକ୍ ସିପାହୀଙ୍କର ଟିକିଏ ଖାଇବାରେ ଅଧିକ ହୋଇ ଯାଇଥିଲା । ସେ ତ ଜଗମୋହନ ଘରେ ଏକା ଶୁଅନ୍ତି; ହଠାତ୍ ଦେଖାଗଲା ଯେ ତାଙ୍କ ଶୋଇବା ପାଖରେ କିଏ ଜଣେ ଝାଡ଼ା ଫେରି ଦେଇଛି । ଯଦୁ ଗୋସେଇଁଙ୍କ ବିଶ୍ୱାସ ଯେ ବାବୁ କପିଳା ଉପରେ ରାଗିକରି ଏ କାମ ସ୍ୱହସ୍ତରୁ ରୂପେ ହାସଲ କରିଛନ୍ତି; କିନ୍ତୁ ବରକ୍ ସିପାହୀ କହନ୍ତି ଯେ ଏ ଗାଁରେ ତ ବଦମାସ୍ ଲୋକ କମ୍ ନାହାନ୍ତି । କିଏ ବରକ୍ ସିପାହୀଙ୍କ ଦୁର୍ନାମ ରଟାଇବା ପାଇଁ ଏପରି କରିଥିବ । କଥାଟା ଯାହା ହେଉ, ମଦନା ମା'କୁ ଜଗମୋହନଟି ସଫା କରିବାକୁ ପଡ଼ିଲା । ମଦନା ମା'ର ଏଥିରେ ମନରେ କଷ୍ଟ ହେବାର କଥା । ମାତ୍ର ଏବେ ତ ଠାକୁର ଘର କାମ, ଦ୍ୱିତୀୟରେ ହାକିମ ହୁକୁମା କଥା ତ, ସେଥିରେ ବାହୁ ବସିଲେ କଣ ହେବ ?

ମୁନ୍ସି ସେଇବାଟେ ବୃନ୍ଦାବନ ପଟେ ବରକ୍ ସିପାହୀ ଫେରିଲେ । ଯଦୁ ଗୋସେଇଁଙ୍କୁ ନିଃଶ୍ୱାସ ମାରିବାକୁ ଫୁରୁସତ୍ ହେଲା ।

Digitized by srujan ka@gmail.com

—ଚଉଦ—

ସିଧୁ ଯଦୁଗୋସେଇଁର ଖବର ଅଣି ଦେଲା ଦିନୁଁ, ନେଢିର ମୋହ ପୁରାପୁରି କଟି ଯାଉଛି, ସେ ମର୍ମେ ମର୍ମେ ଅନୁଭବ କରୁଛି ଯେ ସେ ଅଜାଣାଏ ତାର ହୃଦୟର ଦେବତାଙ୍କୁ ନ ଚିହ୍ନି ଅପମାନ କରିଛି । ସାକ୍ଷାତ୍ ଦେବତା ପରି ସ୍ୱାମୀ ତାର ସେ ହାତରେ ପାଇ ତାଙ୍କୁ ହରାଇଛି । ଏଥିରେ ଯଦୁକୁ ଦୋଷ ଦେବା ତା ପକ୍ଷରେ ବୃଥା ।

ମାତ୍ର ମକଦ୍ଦମା ସେ କରିବାକୁ ଗଲେ କାହିଁକି ? ନେଢିକୁ ଫେରାଇ ନେବାକୁ ? ନେଢିକୁ ତ କହିଥିଲେ ନେଢି ମୁହୂର୍ତ୍ତି ମଧ୍ୟରେ ଯାଇ ପହଞ୍ଚି-ଥାନ୍ତା । ଆଉ କ'ଣ ଘରର ଅସବାବ ଫେରି ପାଇବାକୁ ଦାବି କରି ସେ ମକଦ୍ଦମା କରିବେ ? ତା! କଣ ମାଗିଥିଲେ ନେଢି ଫେରାଇ ଦେଇ ନ ଥାନ୍ତା ? ନେଢିର ଇଚ୍ଛା ହେଲା ସେ ସବୁ ପଛକୁ ଫିଙ୍ଗି ଦେଇ ସିଧା ଯାଇ ଯଦୁଗୋସେଇଁଙ୍କ ଗୋଡ଼ ଧରି କ୍ଷମା ମାଗିବ । ଏହିବେଳେ ସାତପାଞ୍ଚ ଭାବୁଛି, ପଡ଼ିଶା ଘର ସାବି ଆସି କହିଲା, "ହଇଗୋ, ମୁଁ କ'ଣ ଶୁଣୁଛି ତମର "ସେ" ଆଉ ଗୋଟିଏ ବିବାହ କରିବାକୁ ବସିଲେଣି" । ନେଢିର ଛାତିଟା ଦାଉଁ କରି ହୋଇ ଉଠିଲା, ସେ ବ୍ୟଗ୍ରଭାବରେ ପଚାରିଲା "କେଉଁଠୁ ଶୁଣିଲୁ" ? ସାବି କହିଲା "ମଲା, ମଲା, ଲୁଚଉଛ ନା, ଗୋଡ଼ ଦି'ଟା ଦିଶୁଛି, ଗାଁ ସାରା ହାଟ ବସିଲାଣି । କାହିଁକି, ଚକରା ବାଉଣୀକୁ ଡାକି ପଚାରୁ ନାହିଁ । ସେ ସବୁ ନିଜେ ଶୁଣି ଆସିଛି" । ନେଢି ସଙ୍ଗେ ସଙ୍ଗେ ଚକରାକୁ ଡକାଇ ପଠାଇଲା । ଚକରା ମଦନା ମା ଠାରୁ ଯାହା ଶୁଣିଥିଲା ସବୁ ଅତିରଞ୍ଜିତ ଭାବରେ କହିଗଲା । ନେଢିର ମନେ ହେଲା ସତେ ଯେପରି କିଏ ତାକୁ ବହୁଅଣ୍ଟା ଡାଙ୍ଗରେ ପିଟି ଦେଇଗଲା ।

ମାତ୍ର କହିବ କାହାକୁ, ଶୈରମା କାନ୍ଦେ ନାହିଁ, ଯେବେ କାନ୍ଦେ ଦୁଆର ଦେଇ । ନେଢିର ଅନ୍ତଃକରଣ ପୋଡ଼ି ଜଳିବାକୁ ଲାଗିଲା, ତାର ଆଉ କାହାରିକୁ ମୁହଁ ଦେଖାଇବାକୁ ଇଚ୍ଛା ହେଲା ନାହିଁ ।

Digitized by srujan ka@gmail.com

ନେତ୍ରଣ ଏ ଘଟଣା ଯେତେକ ଗପ୍ପ ହେଲା, ଭଉଜମାନଙ୍କ ଅତ୍ୟାଚାର ମାତ୍ରା ନେତ୍ର ଉପରେ ବଢ଼ିଗଲା । ଗୃହିଣୀ ଠା ଆଉ ବାସନ ମାଜିବାକୁ ଆସିଲା ନାହିଁ; ଅର୍ଥାତ୍ ତାକୁ ମଝିଅଁ ଭଉଜ ମନା କରି ଦେଲେ । ତେଣେ ନେତ୍ରର ଯାହା ଟିକିଏ ଠାଣ ଥିଲା, ଯଦୁଗୋସେଇଁ ଆଉ ଗୋଟିଏ ବିବାହ କରିବା ଶୁଣି ତାର ସେ ଠାଣ ଟିକକ ପୂରାପୂରି ଭାଙ୍ଗିଗଲା । ଫଳରେ ଅନୁତାପର ତୁଷାନଳରେ ହୃଦୟ ଜଳିବାକୁ ଲାଗୁ-ଥିଲେ ମଧ୍ୟ ଘର କାମର ବୋଝ ତା ଉପରେ ଏତେ ଲଦା ହୋଇଗଲା ଯେ ସେ ଅଶ୍ରୁ ସଳଖିବାକୁ ଆଉ ଫୁରୁସତ୍ ପାଇଲା ନାହିଁ ।

ନିତି ରାତିରେ ନେତ୍ର ଅସରାଏ ଲେଖାଏଁ କାନ୍ଦେ । ନିତି ରାତିରେ ଯଦୁ ଗୋସେଇଁଙ୍କୁ ସପନରେ ଦେଖେ । ସକାଳୁ ଉଠି ମନ ଦୁଃଖ ମନରେ ମାରି ଘର ଯାକର ପାଇଟି କରେ । ସେଥିରେ ବେଳେବେଳେ ଭଉଜମାନଙ୍କ ତାଡ଼ନା, ବାପ ଭାଇଙ୍କର ରୋଷ କଷାୟିତ ଚାହାଣି, ଗାଁ ମାଇପଙ୍କ ଟେଳ ତମାସା, ସବୁ ତାକୁ ନୀରବରେ ସହିବାକୁ ହୁଏ ! ସେ ଝଣ୍ଡମଣ୍ଡଳରେ କେବଳ ସିଧା କି ତାର ଦରଜ ବୁଝେ । ମାତ୍ର ପିଲାଲୋକ ତ ସେ । ତା ହାତରେ କ'ଣ ବା ହେବ ?

ନେତ୍ରର ଅନ୍ତଃକରଣରୁ ବାହାରୁ ଥାଏ "ହେ ଭଗବାନ୍, ମୋ ଶାଢ଼ୀ କୋଠ କର" ।

Digitized by srujan ka@gmail.com

—ପଦାର—

ଫଗୁଣ ମାସ ହେଲା, ଶୀତ ଗଲା, ଝୁଲୁଝୁଲିଆ ପବନ ବୋହିଲା ନୂଆ ଲାଗିଲା, ସେ ଦିନ ଦୋଳ ପୁନେଇଁ। ନିଆଳିର ଗାଁରେ ବଶ୍ୱନାଥଙ୍କ ମନ୍ଦର ପାଖରେ ବଡ଼ ଉତ୍ସବ, ତଣାଖଜା ଦୋକାନ ଗୁଡ଼ା ଘାଟ ଅଟି ଆସି ବସିଛି। ଠାକୁରେ ଦୋଳକୁ ବିଜେ କେଇଛନ୍ତି। ନୂଆ କରି ଅମ୍ବକଷି ଠାକୁରଙ୍କ ଶିରରେ ଲଦା ... ଛି। ବୃନ୍ଦାବନେ ଆଗରେ ଉଡ଼ୁଛି। ଅବୀର ଦୋକାନଟିଏ ମଧ୍ୟ ଦୋଳଠାରୁ ପାଞ୍ଚ ଛ ହାତ ଦୂରରେ ବସିଛି। ବଣଗାଁରୁ ମାଇକିନା ପିଲେ ବୋଡ଼ିଲୁଗା ପିନ୍ଧି ଦଳ ଦଳ ହୋଇ ବଶ୍ୱନାଥଙ୍କ ମନ୍ଦିରକୁ ଆସୁଛନ୍ତି। କେତେ ମନ୍ଦୁଆ ମେଁ ମେଁ କରି ...-ଭାଲଟାଏ ଫୁଙ୍କୁଛି।

ଯଦୁ ଗୋବିନ୍ଦେ ଡର ନାହିଁ। ଯାତ ... ଲ ... ଠାକୁରଙ୍କ ଗମ୍ଭୀରରେ ଠିଆ ହୋଇଛି। ଯେ ଆସେ ଘଣ୍ଟାଏ ... ରେ ପାଣି ମଡ଼ାଏ ମଡ଼ାଏ ମହାଦେବଙ୍କ ଶିରରେ ଢାଳ ଦଉଛି। "ସଂସାରକୁ ପରମାୟୁ ଦଅ ହେ ବାବା ବଶ୍ୱନାଥ" "ନବଘଣରେ ହେବା ଅଭିଷେକ ଭର;" "ବଣିଜ କଣ୍ଟୁଆଳ ଅଂରୋଟ କର ହେ ବାବା ବିଶ୍ୱନାଥ" ଏହିପରି ଯଦୁ ଗୋବିନ୍ଦ ଅନର୍ଗଳ କହି ଚାଲିଥାଏ। ଘିଅ ସାଜ ଶଙ୍ଖେ ବ ଦୁଇଶହ ଠାକୁରଙ୍କ ଅଗରେ ଜଳୁଥାଏ। ଲାଗିଲେ ସେଥିରେ ଯାତ୍ରା ଘିଅ ବଳବ, ହେତକ ଯଦୁର। ତେଣେ ତଣାଖଜା ଭୋଗ ଯାହା ଆସେ, ସେ ... ଯଦୁକୁ ବ୍ରେ...ଗ ମିଳେ। ଏହିପରି ଗୋଟାଏ କଣରେ ତଣେ ଜମା ହେଲାଣି। ମୋଟ ଉପରେ ଯଦୁର ଏକ ଗୋଟାଏ ବର୍ଷକର ଦିନ। ଟଙ୍କା ଦଶୋଟିରୁ କମ୍ ରୋଜଗାର ହେବ ନାହିଁ। ପୁଣି ମାସ-ଙ୍କେଣ୍ଡ ପାଇଁ ଜଳଟିଅ ଘରେ ଜମା ହୋଇ ଯିବ। ଯଦୁ ସେ ତଣାଖଜା ଗଦାକୁ ଗୃହ ଭାବେ "ହା ଜଗଭଗିନ। ଥିଲେ ଖାଇ ନ ଥାନ୍ତୁ? ମୁଁ

Digitized by srujan ka@gmail.com

ଏକୁଟିଆ ଏଥିରୁ ବେଙ୍କଟେ ଏବେ ଦେଖାଇବ । ସ୍ୱାମୀ ମଦନାଙ୍କ କପାଳ ଦେଖ, ଅଉ କ'ଣ ?"

ବଡ଼ ଘଣ୍ଟାଘୋଷରେ ଦଉଡ଼ା ଚାଲିଥିଲା । ହଠାତ୍ ରସଭଙ୍ଗ ହେଲା ଯେତେବେଳେ ମାଁ ସେ କ'ଣରୁ ଶ୍ରୀମାନ ବରଙ୍କୁ ଗୋସେଇଁଙ୍କର ନାକ ପଗଡ଼ିଟା ଦେଖାଗଲା । ଭୌଗୋଳିକମାନେ କହନ୍ତି ପୃଥିବୀଟା ଗୋଲା-କାର ହୋଇଥିବାରୁ ସମୁଦ୍ରରେ କୌଣସି ଜାହାଜ ଆସିବା ବେଳେ ଆଗେ ତାର ଅଗ୍ରଭାଗ ଦେଖାପଡ଼େ, କ୍ରମେ କ୍ରମେ ତାର ତଳ ଅଂଶ ଦେଖାଯାଏ । ସେହି ନ୍ୟାୟରେ ଆଗ ବରଙ୍କୁ ସିପାହିଙ୍କ ପଗଡ଼ି, ତାପରେ ତାଙ୍କର ଶିର ପରିଚିତ ସେହି ନଣ ଦୁଇଟା, ତାପରେ ସେ ଦିନ ଗଛରେ ବନ୍ଧା ହୋଇଥିବା ଫଳରେ ପରିଚିତ ତାଙ୍କ ଗଣ୍ଡୀଟା ଓ ପରିଶେଷରେ ତାଙ୍କର ଗୋଡ଼ ଦେଖାଗଲା । ତାଙ୍କ ପଛେ ପଛେ ଅଉ ଏକ ସିପାହୀ, ତାଙ୍କର ନଣ ବି ଅଛି, ଓଠ ତଳେ ଟିକିଏ ଦାଢ଼ୀ ମଧ୍ୟ ଲାଗିଛି । ଜନ୍ତୁଙ୍କ ମଧ୍ୟରେ ବ୍ରହ୍ମ ଓ ଜୀବ ମଧ୍ୟରେ ଯେପରି ମାୟାର ସଞ୍ଚାର ହୁଏ, ସେହିପରି ଶ୍ରୀମାନ୍ ରଥମାଳୀ ବିଦ୍ୟମାନ । ତାଙ୍କ ଅଣ୍ଟାରେ ଝୋଟର ଗୋଟାଏ ଶୃଙ୍ଖଳ; ସତୁଦାଢ଼ିଆ କନଷ୍ଟେବଲ ଶୃଙ୍ଖଳର ଅନ୍ୟ ମୁଣ୍ଡଟିକି ଧରିଥାନ୍ତି । ସେ ଦୃଶ୍ୟ ଏପରି ଚମତ୍କାର ଦେଖାଯାଉଥାଏ ଯେ କାଳିଦାସ ମଧ୍ୟ ତାର ଉପମା ଯୋଗାଇ ପାରିବେ ନାହିଁ । ମାତ୍ର କଳିକାଳରେ ବୌଦ୍ଧାବ-ତାରରେ ଅର୍ଥାତ୍ କାଳିଦାସଙ୍କ ମରିବା ପରେ ଗୋଟିଏ ନୂଆ ଉପମାର ସୃଷ୍ଟି ହୋଇଛି ଯାହା ତା ସହିତ ଖାପ ଖାଇପାରେ, ଅର୍ଥାତ୍ ଯେଉଁ-ମାନେ ରଥଯାତ୍ରାରେ ସୁଭଦ୍ରାଙ୍କ ପହଣ୍ଡି ଦେଖିଛନ୍ତି ସେହିମାନେ ଏ ଦୃଶ୍ୟ ଜ୍ୱଳନ୍ତ ଭାବରେ ହୃଦୟଙ୍ଗମ କରି ପାରିବେ ।

ମାଁ ପାଟି ବୁଝିଲା ଝେଙ୍କିଗଲା । ବରଙ୍କୁ ସିପାହୀ ଅସି ହୁକୁମ୍ ଜାରିକଲେ "ଗୋସେଇଁ ନାକପୋଡ଼ିଆ ନାଁରେ ପାଣି ଲାଗି ଚାଲିଛି ନା"? "ଅସ୍ତୁ ମୁଢ଼ନୀତ୍ୟ" କହି ପଦ୍ମ ଗୋସେଇଁ ଢାଳେ ପାଣି ଧରି "ନାକ-

Digitized by srujan ka@gmail.com

ଟୋକାଅକୁ ମରମୋଡ଼ୁ ଦଅ, ଶଙ୍ଖ ପୂରାଇ ହୁଳି ଅଣୁଆଳ କର’’ ବୋଲି ପାଟିଏ ଆରମ୍ଭ କରି ଦେଲା। ରମାନ୍ଦା ସେଇଠି ଠିଆ ହୋଇଥିଲା। ସେ ମନେ ମନେ ଭାବିଲା “ସଂସାରରେ କେତେ ତ ଲୋକ ମରୁଛନ୍ତି। ଏ ବରକ୍ ସିପାହୀ କେତେ ବାଲ ଯାଏ ବଞ୍ଚିରହି ଏ ଗାଁ ଖଣ୍ଡିକୁ ଦହଗଞ୍ଜ କରିବ।”

ପଛରେ ଥିବା ସିପାହୀ କହିଲା, “ଗୋସେଇଁ, ଗଫୁର୍ ନାମରେ କେଉଁ ପାନ ଡାଲୋ ତ।” ସଙ୍ଗେ ସଙ୍ଗେ ହୁଙ୍କାର ଉଠିଲା “ଗଫୁର୍‌କୁ ତାଜା ରଖ ହେ ବାବା ବିଶ୍ୱନାଥ”।

ତା ପରେ ଦୋଳପୁନିଅଁର ଉତ୍ସବ ସେଇଠାରେ ବନ୍ଦ ରହିଲା, ପୁଲିସ୍ ଆସିବା ଶୁଣି ଗାଁ ଲୋକେ ଘରେ ପଶିଲେ। ଚଣାଖିଆ ଦୋକାନ ମଧ ଉଠିଗଲା। ବରକ୍ ସିପାହୀ ଯୋଉ ଗଛରେ ବନ୍ଧାହୋଇ ରଥିଆ ହାତରେ ମାଡ଼ ଖାଇଥିଲା, ରଥିଆ ସେଇ ଗଛରେ ବନ୍ଧା ହେଲା। ବରକ୍ ସିପାହୀ ଯୋଡ଼ା ଛଟି କାଢ଼ି ରଥର ଦହି ପାରି ସେକ ଦେଇ ଗଲେ। “ମରିଗଲି ହେ” “ତମ ଗୋଡ଼ ତଳେ ପଡ଼ୁଛି ସିପାହି ବାବୁ” “ଆଉ ମାର ନା” “ଆରେ ବାପା ଲୋ” ରଥିଆ ଯେତେ ଡାକ ପକାଇଲା, କେହି ତା ଲାଗି ସମବେଦନାର ସ୍ୱର ମଧ ପ୍ରକାଶ କଲେ ନାହିଁ।

ମାରି ମାରି ଯେତେବେଳେ ରଥିଆର ପାଟି ଖନ ମାରିଲା, ସେତେବେଳେ ସେ ଦାଢ଼ୀଥିବା ସିପାହୀ—ବଡ଼ ଭଦ୍ରଲୋକ ସେ—କହି ଉଠିଲା “ହାଁ ହାଁ ଇୟାର, କ୍ୟା କରତେହୋ, ଆଦମି ମର୍ ଯାଏଗା ଯୋ” ବରକ୍ ସିପାହୀର ଚୈତନ୍ୟ ଆସିଲା। ରଥିଆକୁ ଫିଟାଇ ତା ମୁହଁରେ ପାଣି ଟଳେ ଅଧେ ଛାଟି ତାକୁ ଯଦୁ ଗୋସେଇଁ ବାରନ୍ଦାକୁ ନିଆଗଲା। ଯଦୁ ଗୋସେଇଁ ଖୁଣ୍ଟରେ ତାକୁ ପୁଣି ବାନ୍ଧି ଦିଆଗଲା। ଯଦୁ ମହାବ୍ୟସ୍ତ। “ଅଣ୍ଟ ଏ ବାଉଁଶର ଖୁଣ୍ଟ, ଭାଙ୍ଗିଗଲେ ମୋ ଘରଖଣ୍ଡ ତ ଯିବ; ପୁଣି ଅସାମୀ ଖଲାସ ହେଲେ, ମୋ ଉପରେ ଦୋଷ ଆସିବ”।

Digitized by srujan ka@gmail.com

କଥାଟା ସତ, ରହିଅଛି ସେଠାରୁ ଫେରାଇ ଜଗମୋହନ ଘରେ ଦେଉଳର ଖମ୍ବରେ ବାନ୍ଧି ଦିଆଗଲା । ତା ପରେ ଦୁଇ ସିପାହୀ ମିଶି ଯଦୁକୁ ଚଣ୍ଡ ମିଳିଥିବା କୋଳାଜାଳ ମୋହ୍ୟା ଦେଖ କଲେ । ସେ ଯେଉଁ ଦାଢ଼ିଆ ସିପାହୀ, ସେ କେତେଣି ଦୁଇ ପେରଣ୍ଟ ଖଜା ଗୁଡ଼ୁ ଗୁଡ଼ୁ କରି ଖାଇବାକୁ ଲାଗିଲା । ଜଗୁ ତ ସେତେ ଖାଉଟିଆ ନୁହେଁ, ସେ ଦୋରେ ଖଣ୍ଡେ ସେବା କଲା, ବାକି ଦୋରେ ଖଣ୍ଡେ ନାକପୋଡ଼ିଆ ଓ ତା ବୋଉ ଲାଗି ଗଣ୍ଠିଲିଟିରେ ବାନ୍ଧି କହିଲା "ଗୋସେଇଁ ! ଏତିଟିଆ ଲୋକ ଏତେ ଟଣା ଖଜା ତୁମର କ'ଣ ହେବ ?" ଯଦୁ ଅଗ୍ରହରେ ଓଠ ଲମ୍ବେଇ କହିଲା "ଅଛି ମୋର ଭାଗ୍ୟ ଯେ, ଟଙ୍କା ଅଧରେ ଥିଲି ବ, ଆପଣଙ୍କ ପିଲା କାଏ, ମୋ ପିଲା କାଏ ?" ବଟକୃଷ୍ଣ ଟିକିଏ ଅପ୍ରତିଭ ହୋଇ କହିଲା "ମୋ ପିଲା ଆଉ ତମ ପିଲା ସମାନ ?" ଯଦୁ ବେଶ୍ ରାଗ ସ୍ୱର ବଦଳାଇବାକୁ ପଡ଼ିଲା "ନାହିଁ ଅଛି, ମୁଁ ତା କହୁ ନାହିଁ । ରାମ୍ ରାମ୍, ଅନ ପିଲା କାହିଁ ଆପଣଙ୍କ ପିଲାଙ୍କ ଗୋଡ଼ଧୂଆ ଧୋଇ ପାଣିକି ଯୋଗ୍ୟ ହେବେ । କାହିଁ ରାଣୀ କାହିଁ ଦାଣ୍ଡର କାଣୀ ?"

ବଟକୃଷ୍ଣ କହିଲା "ହଉ ସେ କଥା ଛାଡ଼ । ଆଜି କାଲିକାର ଟୋକାଙ୍କ ସରଗ କର । ସାଥିରେ ଗାଁର ଲୋକେ ରହିଅଛନ୍ତି ଶପୋଟି କଲେ କାଲି ସକାଳୁ ସବାଲ୍ତ କଟକ ଯିବା । ବାବୁ କହୁଛନ୍ତି ବାଳ ମକଦମା ପଡ଼ିବ ।"

•

ଆଉ ବୃଥା କ'ଣ, ପଞ୍ଚ ଉପସ୍ଥିରରେ ତିନିଟା ବଡ଼ା ହେଲା । ପରଦିନ ବଡ଼ବାବୁଙ୍କୁ ସିପାହୀ, ଗାଁ ସାରିକୁ ନେଇ କଟକ ବାହାରିଲେ ।

Digitized by srujan ka@gmail.com

—ଷୋହଳ—

ସେ ବର୍ଷ ଦୋଳ ପୂଜାଅଁ ମୁଣ୍ଡରୁ ମଧୁ ଖାଢ଼େଙ୍ଗା ପଣ୍ଡାଏ ଯାଚି ଧରି ପୁରସ୍ତମ ଆସିଲେ । ତାଙ୍କୁ ଦର୍ଶନବାର୍ଣନ କରିଲ, ଗାଡ଼ିରେ ଚଢ଼ାଇ ଗାଁକୁ ଗଲେ । ଘରକୁ ଯାଇ ନେଢକୁ ଦେଖି ବଡ଼ ଖୁସି ହେଲେ । ଘରର ବଡ଼ ଭାଇ ସେ । ନେଢ ପୁଣି ତାର ଗୋଟିଏ ବୋଲ ଭଉଣୀ । ମାତ୍ର ସମାଚାର ସବୁ ଶୁଣି ତା ମନଟା ସମବେଦନାରେ ଭରି ଗଲା । ସାଧୁ ଆଜି ସେ ଦ ଗୁରି ପଦ ବଡ଼ା କଥା ମଧ ବହିଲା । "ଗୋଟାଏ ବୋଲ ଭଉଣୀ, ଏତେ ଦିନକେ ଘରକୁ ଆସିଛି, ତା ମନରେ ପୁଣି ଏତେ ଦୁଃଖ, ଘରଯାକର କେହି ତା କଥା ବୁଝୁନାହାଁନ୍ତି । ଘରୁ ଗୃହ-ଲକ୍ଷ୍ମୀଟା କାହିଁକି ବାହାର କରି ଦେଇଛ" ?

ଏ କଥା ଶୁଣି ମଧୁର ସ୍ତ୍ରୀ ଦଅର ପକ୍ଷ ନେଇ ଝଙ୍କାରି ଉଠିଲେ । "କଣ, କେନ ଟିକିଟା ମଣିଷ ଥାଉ ଥାଉ, ଗୃହିଣୀ କଣ ଶାସ୍ତା ହେଉଛି ଯେ 'ଗୃହଲକ୍ଷ୍ମୀଟାଏ ପୋଷା ହେବ !' ଘରର ବଡ଼ବୋହୂ ସେ, ତାଙ୍କର ପୁଣି ଦଅର ଠାରେ ଢୁବ୍ ନିନ୍ଦା । ନ ହେବ ବା କାହିଁକ ? ମଧୁ ତ ଅଠକାଳ ବାରମାସି ବାହାରେ ଯିବ । ସେ ଅନ୍ୟ କାହା ଉପରେ ଅନ ଅର୍ଜନ ସ୍ନେହ ପ୍ରୀତି ଜାରି କରିବେ ?

ମଧୁ ଭଉଣୀର କଥାଟାକୁ ସମ୍ଭାଳ ଗଲା । ମାତ୍ର ତାର ମନ ମାନିଲା ନାହିଁ । ଦୋଳପୂଜାଅଁ ଦିନ ଉପର ବେଳା ନଗ୍ର ଅଡ଼େ ଚାଲ ଚାଲ ହୋଇ ଗଲା । ମାତ୍ର ତାକୁ ଅଧବାଟରୁ ଫେରି ଆସିବାକୁ ହେଲା । ବାଟରେ ତାର ସାଙ୍ଗ ସଙ୍ଗରେ ଦେଖା ହେଲା । ସାଙ୍ଗ ଦେଖି ପଚାରିଲା । "ଗୋପେଇଁ ଅମ ଗାଁ ଅଡ଼େ ଯାଉଛ କି ?" ମଧୁ କହିଲା "ହଁ", ସାଙ୍ଗ କହିଲା "କାହିଁକି ମିଛରେ ଯିବ ? ଯଦୁ ଗୋପେଇଁର ତ ଅକ ବାହାଘର ଲାଗିଛି, ଗାଁରେ ସିପେଇ ମନ୍ତ୍ରୀ ଭରି । ଗାଁ ପଡ଼ୁଛି

Digitized by srujan ka@gmail.com

ଉଠୁଛି"। ଝିଙ୍ଗା ସିନା ଉପମା ଛଳରେ ବାହାଘର ବୋଲି କହୁଥିଲା, ମଧୁ ତାକୁ ସତ ସତ ବୁଝିଗଲା। ଦୀର୍ଘ ନିଃଶ୍ୱାସଟିଏ ମାରି ସେଇଠାରୁ ଫେରିଲା। ଭାବିଲା, ଯଦୁ ଗୋସେଇଁର ଏଡ଼େ ଦମାକ୍। ସେ ମୋ ଭଉଣୀ ବଞ୍ଚି ଥାଉ ଥାଉ ଆଉ ଗୋଟିଏ ବାହା କରିବ। ପୁଣି ମୋ ଭଉଣୀ ନାଁରେ ମକଦ୍ଦମା। ନାଃ, ଏଥର ପୁରୀ ଗଲେ ଓକିଲ ପରାମର୍ଶ କରି ଯାହାର ଗୋଟେ ମସୁଧା କରିବ। ଅଭି ବାବୁ ଓକିଲଙ୍କ ସଙ୍ଗେ ମଧୁର ବନ୍ଧୁଦନ୍ତୁଁ ଚିନ୍ତା।

ଦୋଳ ପୁନଅଁ ଯିବାର ଦୁଇଦିନେ ମଧୁ ପୁରୀ ଗଲା। ପଣ୍ଡା ଠାରୁ ବାଟ ଖର୍ଚ୍ଚ ଆଣିଲେ ବାଟକୁ ଯିବ। ଅଭିବାବୁ ଓକିଲ ସଙ୍ଗେ ମଧୁ ପରାମର୍ଶ କରିବାର ହେବ।

Digitized by srujan ka@gmail.com

—ସତର—

ରଥିଆ ନାମରେ ସଙ୍ଗୀନ ମକଦ୍ଦମା ଚାଲିଲା । କଟକର ଖୋଦ୍ ବଡ଼ ହାକିମ ମକଦ୍ଦମାକୁ ସୁଚାରୁରୂପେ ବିଚାର କରି ରଥିଆକୁ ଛଅ-ମାସ ଶ୍ରୀଘରବାସ ହୁକୁମ ଶୁଣାଇ ଦେଲେ ।

ଯଦୁ ଗୋସେଇଁ ଆଦି ନଳପୁର ଗାଁର ଲୋକେ ମକଦ୍ଦମାରେ ସାକ୍ଷୀ ଦେବା ପାଇଁ ଆଠଦିନ ହେଲା କଟକ ସହରରେ ଦେହଗଞ୍ଜ ହୋଇ ଚୂଡ଼ା ଚାଉଳ ବାନ୍ଧି ପଡ଼ି ରହିଲେ ପରେ, ଯେଉଁଦିନ ରାୟ ହେଲା, ସେହି ସନ୍ଧ୍ୟା ବେଳେ ଝଙ୍କ ମାରି ନେଇ ଗାଁକୁ ଫେରିଲେ ।

ମକଦ୍ଦମା କରିବା କି ମୁସ୍କିଲ୍ କାଣ୍ଡ । ଯାହା କର୍ମରେ ଲୁଅ ଉଡ଼ିବ ସେ ମକଦ୍ଦମା କରିବାକୁ ଯିବ । ଇତାଲା ଦେବାକୁ ହେଲେ ଛଅ ଚାରିଦିନ ଥାନାରେ ଚୂଡ଼ା ଗୁଡ଼ ଖାଇ ଯିବାକୁ ଖୋସାମତ୍ ତାକୁ ଖୋସାମତ୍ କରି ପଡ଼ି ରହିବାକୁ ହେବ । ପୁଣି ଗାଁକୁ ତଦନ୍ତ ଆସିଲେ, ସିପେହି ସନ୍ତ୍ରୀଙ୍କ ଲୁଚୁଚା ବୋହି ତାଙ୍କୁ ପଞ୍ଚୋପଚାରରେ ଅର୍ଚ୍ଚିବାକୁ ହେବ । ଗାଁରେ ତାଙ୍କ ବସା ଥିବା ଯାଏ, ଷୋଡ଼ଶ ଉପଚାରରେ ତାଙ୍କୁ ବାଢ଼ିବାଢ଼ି ଖୁଆଇବାକୁ ହେବ ।

ମକଦ୍ଦମା କଚେରି ଉପରକୁ ଗଲେ ତ ସେଠା ଦହଗଞ୍ଜ ଭଜନ୍ତେ ନ ସରେ । କଚେରି ପିଣ୍ଡାରେ [illegible] ଦୃଷ୍ଟି ପଡ଼ି ରହିବାକୁ ହେବ । ହାକିମଙ୍କୁ ବେଳ ନ ହେଲେ, କି ତାଙ୍କ ମନ ଭଲ ନ ଥିଲେ ମକଦ୍ଦମା ପଡ଼ିବ ନାହିଁ । ସଞ୍ଜଯାଏ କଚେରି ବାରଣ୍ଡାରେ ଶୋଇ ଶୋଇ ମୁନି ଦଶାକୁ ଆସି ଚୂଡ଼ା ଚାଉଳ ଦରଜିବାକୁ ହେବ ।

ପୁଣି ମକଦ୍ଦମା ପଡ଼ିଲା ଦିନ, କେତେବେଳେ "ଯଦୁ ଗୋସେଇଁ ହାଜର ହୋ" ବୋଲି ଡକା ହେବ, [illegible] ବେଳରୁ କାହୁଣ୍ଡି ପରି ଛାନ୍ଦାରେ ବରଡ଼ ଖାଇଥିଲା ପରି ଗୃହିଁ ରହିବାକୁ ହେବ । ସାଙ୍ଗେ ସାଙ୍ଗେ

Digitized by srujan ka@gmail.com

ଜବାବ ନ ଦେଲେ ତାଙ୍କ ବରଖାସ୍ତ । ପୁଣି ହାକିମଙ୍କ ଆଗରେ ଗୈର ଭରିଥିବା ଜଳ ହାତକୁ ଯୋଡ଼ି କୋଚୁଆ ଜନ୍ତୁ ଗ୍ରାମ୍ପିଲପଡ଼ ମୁହଁରୁ ଶୁଖାଇ ଠିଆ ହେବାକୁ ହେବ । କାହାର ଗଣ୍ଡି କାଟିଥିବା ଜଳ ଆଗ ହଲପ ଶପଥ କରି ଯାର ବାପ ନାଁ ଗାଁ ଜନ୍ମଗିନ୍ଦ ସବୁ ବତାଇ ପାରିଲେ ପୁଣି କଥା କହିବାର ଅଧିକାର ମିଳିବ । କଥା ତ କହିବାକୁ ହେବ । ପୁଣି ମିଛ କହିବାକୁ ହେବ । ଏପରି ମିଛ କହିବାକୁ ହେବ ଯେ ଧରାପଡ଼ିବ ନାହିଁ । ଧରା ପଡ଼ିଲେ ଓଲଟି ହାତସେ ଘୋଡ଼ା ଚଢ଼ିବେ ।

ଯଦୁ ଗୋଟେହେଲେ ଫେରିଲାବେଳେ ବାଟଯାକ ଡାକୁଥାଏ "ବାବା ହେ ବିଶ୍ୱନାଥ ! ଆଜି ଏ ଦଶାରେ ଏ ଜୀବନଧାରୀ ଥରେ ହେଲେ ଯେପରି 'ନ ପଡ଼େ ।"

ସେ ଦିନ ଗାଁରେ ପହଞ୍ଚୁ ପହଞ୍ଚୁ ହିଁ ପ୍ରାୟ ପାହିବା ଉପରେ । ତହିଁ ଆର ଦିନ ସକାଳୁ ଉଠି ଯଦୁ ପ୍ରଥମ ଥର ପାଇଁ ଅନୁଭବ କଲା ଯେ, ମଦନାମାକୁ ଲୁଣ୍ଠାଇବା ଫଳରେ ଯେଉଁ ପରିସ୍ଥିତି ଉପୁଜିଥିଲା ତାର ସବୁ ଝଂଝଟ ମେଣ୍ଟି ଯାଇଛି । ଆଜି ବରଜୁ ସିପାହୀଙ୍କର ଖ୍ରୀଚରଣ ଏ ଗାଁରେ ପଡ଼ିବାର ପ୍ରୟୋଜନ ହେବ ନାହିଁ ।

ମାତ୍ର ଘରଟା ତାକୁ ବଡ଼ ଶ୍ମଶାନ ଲାଗିଲା । ଏତେ ଦିନ ଝଂଝଟରେ ନେତର ଅନୁପସ୍ଥିତିଟା ତାକୁ ପୁରାମାତ୍ରାରେ ବାଧୁ ନ ଥିଲା । ଏବେ ପ୍ରତି ମୁହୂର୍ତ୍ତରେ ନେତ କଥା ତାର ମନେ ପଡ଼ିଲା । ତାର ମନେ ହେଲା, ସେ ମନୋହରପୁରକୁ ଯାଇ ସବୁ ଦୋଷ ମାଗି ସେନା ନେତକୁ ଫେରାଇ ଆଣିବ । ରଥଅତ ଜେଲ ଗଲାଣି । ଆଉ ଭୟ କ'ଣ ?

ମାତ୍ର ନେତର ସେ ଉଗ୍ରଚଣ୍ଡୀ ମୂର୍ତ୍ତି ତାର ମନେ ପଡ଼ିଲେ ଦେହ ଶୀତେଇ ଉଠେ । ତାର ଆଉ ସାହସ ହୁଏ ନାହିଁ । ଯଦୁ ଏହି-ପରି ସାତ ପାଞ୍ଚ ଭାବୁଛି, ସେ ଅଡ଼ୁ ମଦନା ମା ଆସି ଜଗମୋହନ ଖାଙ୍କୁ

Digitized by srujan ka@gmail.com

କରି ବସିଲା । ଯଦୁ ବାହାରକୁ ଅସି ମଦନା ମାକୁ ପଚାରିଲା "ଅଜ ତ ବଡ଼ ସକାଳୁ" । ମଦନାମା କହିଲା "ଗୋସେଇଁ ସବୁତ ହେଲା । ବାକି ଗ୍ରାମର ହାତକୁ ଦହାତ ହେବା କଥା କ'ଣ ପାଶୋର ଗଲ ?" ଯଦୁର ହୃଦୟରେ ଚମକ ପଶିଲା । ସତେ ତ ! ଝିଂଝିଟ ତ ମେଣ୍ଟି ନାହିଁ ।

ସେ ଦିନ ଖାଇ ସାରି ଗୃହଦିରଟିଏ ପକାଇ ଯଦୁ ବାହାରି ପଡ଼ିଲା— ଗ୍ରାମା ପାଇଁ କନ୍ୟା ଖୋଜ । ସେହିଦିନଠାରୁ ଯଦୁର ଏକମାତ୍ର କାର୍ଯ୍ୟ ହେଲା କନ୍ୟା ଖୋଜା । କନ୍ୟା ମିଳିବାକୁ ନାହିଁ । ଯେଉଁଠି ମିଳୁଛି —କହିତ ବଡ଼ ଠାଣ, ଶହେ ଦୁଇଶହ ଟଙ୍କା ନ ଦେଲେ ଗ୍ରାମା ପରି ପୁରୁଷରତ୍ନକୁ କନ୍ୟା ଦେବ କିଏ ?

ମାସେ କାଳ ବୁଲି ବୁଲି ସାରୁଅର ଉତ୍ତର କବାଟ ଘରେ ପାତ୍ରୀ-ଟିଏ ସ୍ଥିର ହେଲା । ପାତ୍ରଟିର କନ୍ୟା ମା । ତେଣୁ ପଚାଶଟି ଟଙ୍କାରେ କଥା ସାରି ହେଲା । ଶ୍ରୀଗୁଣ୍ଡିଚା ଦିନ ବିବାହ । ମାତ୍ର ପଚାଶଟି ଟଙ୍କା ଅସେ କୁଆଡ଼ୁ ? ମଦନାମା ପାଖରେ ଫଟା ପାହୁଲାଟିଏ ମଧ୍ୟ ମିଳିବ ନାହିଁ । ଦୁଇ ରାତି ଅନିଦ୍ରା ରହି ଯଦୁ ସ୍ଥିର କଲା ଯେ କପିଳାଟାକୁ ବିକି ଦେବ । ଜୀବନର ତାର ସବୁ ଅବଲମ୍ବନ ତ ଦୂର ହୋଇଛି ଅଉ କପିଳାଟା କାହିଁକି ଥିବ ? କପିଳାକୁ ବିକିବା କଥା ମନେ ପଡ଼ିଲେ ଯଦୁକୁ କଡ଼ କଷ୍ଟ ହୁଏ । ତଥାପି ନ ବିକିଲେ ନ ଚଳେ । ଗ୍ରାମା ଟା ବିବାହ ହେବ ଅଉ କିପରି ?

କପିଳା ପାଇଁ ଗ୍ରାହକ ଖୋଜିବା ପାଇଁ ଯଦୁକୁ ମଧ୍ୟ ମାସକରୁ କମ୍ ଲାଗିଲା ନାହିଁ । ଯାଉଳା ସୁନା ବେଣ୍ଡି । କିଏ କହିଲା, ପଚିଶ ଟଙ୍କାକୁ ଦିବ ? କିଏ କହିଲା ଘରଣି ଟଙ୍କାରୁ ଅଧଲାଟିଏ ବେଶି ଦେବ ନାହିଁ ।

Digitized by srujan ka@gmail.com

ମାତ୍ର ଯଦୁର ତ ପଚିଶ ଟଙ୍କାରୁ ଊଣାରେ ନ ହୁଏ । ଶ୍ରମା ବାହ୍ନା ହେବ କପରି ? ଅଉ ଶ୍ରମା ବାହ୍ନା ନ ହେଲେ କପିଳା ବିକା ହେବ ବା କିଆଁ ? ବହୁ କଷ୍ଟରେ ସ୍ନାନପୂର୍ଣ୍ଣିମା ବାସି ଦିନ ଗ୍ରାହକଟିଏ ମିଳିଲା । ପଚିଶଟଙ୍କା ନଗଦ ଦେଇ ସେ କପିଳାକୁ ନେବ । ସେ ଆସି କପିଳାକୁ ଦେଖି ପସନ୍ଦ କରି ଗଲା । ମାତ୍ର ତା ପାଖରେ ହଠାତ୍ ଟଙ୍କା ନାହିଁ । ସେ କହିଲା ପନ୍ଦର ଦିନ ମଧ୍ୟରେ ଟଙ୍କା ସ୍ଥିର କରି ଆସି ନେଇ ଯିବ । ଯଦୁ କହିଲା "ଆମର ଗୁଣ୍ଡିଚା ଦିନ କାର୍ଯ୍ୟ । ତା ପୂର୍ବରୁ ନ ଆସିଲେ ତ ଆମେ ହଇରାଣ ହେବୁ ।" ଗ୍ରାହକ କହିଲା "ନିଶ୍ଚେ ଗୋଟେ କଥା । ମର୍ଦ୍ଦକା ବାତ୍, ହାତୀକା ଦାନ୍ତ । ଏ ଜୀବ ଉଡ଼ି ଗଲେ ମଧ୍ୟ କଥା ଟଳିବ ନାହିଁ—ଟଳିବ ନାହିଁ । ଗୁଣ୍ଡିଚା ପୂର୍ବରୁ ନଗଦ ପଚାଶଟଙ୍କା ଗଣି ଦେଇ କପିଳାକୁ ନେବି, ନେବି, ନେବି ।" ଯଦୁ ଆନନ୍ଦର ନିଃଶ୍ୱାସଟିଏ ମାରିଲା ।

Digitized by srujan ka@gmail.com

—ଅଠର—

ବୃନ୍ଦା ବଗିଚାରେ ଥିଲା ବେଳେ ରଥିଆ ଭାବୁଥିଲା ଜେଲ ପଛେ ଯାଉ, ଏ ନିଦାରୁଣ କଷ୍ଟ ସହ୍ୟ ହେବ ନାହିଁ । ବରକୁ ସିପାହୀର ଯୋଡାରୁ ଯେତେବେଳେ ମାଡ ବୃଷ୍ଟି ହେଉଥିଲା, ରଥିଆ କହୁଥାଏ "ପ୍ରଭୁ ହେ ଜେଲ ପଛେ ଦିଅ, ଏ ମାଡ଼ରୁ ବଞ୍ଚାଅ ।"

କିନ୍ତୁ ଜେଲଖାନାକୁ ଆସି ରଥିଆ ଦେଖିଲା ଯେ ଜେଲଦଣ୍ଡଠାରୁ ଦଣ୍ଡ ଆଉ ନାହିଁ । କେଜାଣି ଯମଦଣ୍ଡ ଅବା ସେଠାରୁ କଷ୍ଟ ହୋଇଥିବ । ସକାଳୁ ସଞ୍ଜଯାଏ ଖାଲି ଘଣା—ଘଣା—ଘଣା; ପେଲୁଥା । ଟିକିଏ ଅଣ୍ଟା ସଳଖିଲେ ପିଟ୍ ପିଟ୍ ଚାବୁକ ମାଡ଼ । ସେ ଯେଉଁ ଓ୍ୱାଡ଼ର ! ବାପରେ, କେଉଁ ପାଷାଣରେ ତାଙ୍କର ହୃଦୟକୁ ବିଧାତା ଗଢ଼ିଛି କେଜାଣି ।

ସେ ମାଡ଼ରେ ପୁଣି ହାଉ ଗୁହାରି ନାହିଁ । ବେଶି ରାଗିଲେ ହାତ ବେଡ଼ି ଗୋଡ଼ବେଡ଼ି ଲଗାଇ ଗୋଟାଏ ଘରେ ପୁରାଇ ପିଟିବେ । ରଥିଆର ଅନ୍ତଃକରଣରୁ ହା ହାକାର ଉଠୁଥାଏ । କାହିଁକି ସେ ଯଦୁ ଗୋପେଇଁ ସହିତ ବିବାଦ କଲା ? କାହିଁକି ବା ବରକୁ ସିପାହୀକୁ ମାରିଲା ? ଦଶାର ଛିଦ୍ର ଛଡ଼ା ଆଉ କ'ଣ ହୋଇ ପାରେ ?

ଦିନରାତି ରଥିଆ ବାବା ବିଶ୍ୱନାଥଙ୍କୁ ସ୍ମରଣ କଲା—"ବାବା ହେ ଭଲ ବୁଦ୍ଧି ଦିଅ, ଆଉ ଦିନେ ଯେପରି ଏ ଦଣ୍ଡରେ ନ ପଡ଼େ ।"

ମାତ୍ର ତାର ଗୋଟିଏ ଗୋଟିଏ ଦିନ ଗୋଟିଏ ଗୋଟିଏ ଯୁଗ ପରି ଲାଗେ । ସୂର୍ଯ୍ୟ ଉଏଁ, ସୂର୍ଯ୍ୟ ଅସ୍ତ ହୁଏ, ପୁଣି ସୂର୍ଯ୍ୟ ଉଏଁ, ମାତ୍ର ତାର ଘଣା ଖାଲି ହୁଏ ନାହିଁ କି ଜେଲଖାନାରୁ ସୋରଷ ସରେ ନାହିଁ । ଦୁନିଆଁ ଯାକର ସୋରଷ ସତେ ଅବା ଏ ଜେଲଖାନାରେ ବସ୍ତ ହୋଇ ରହିଛ ।

Digitized by srujan ka@gmail.com

ତାର ଆଖି ଆଗରେ ନାଚି ଉଠୁଥାଏ, ନିରପୁରର ସେହି ଭଙ୍ଗା କୁଡ଼ିଆ—ସେ କି ଅଉ ଥିବ। କୋଉଁ ଦିନ ତା ପାପର ପ୍ରାୟଶ୍ଚିତ୍ତ ସରିବ ସେ ମୁକ୍ତ ବିହଙ୍ଗମ ପରି ତାର ଚିର ପରିଚିତ ଗାଁ ଦାଣ୍ଡରେ ମନ ଖୁସିରେ ବୁଲିବ। ଏଥର କିନ୍ତୁ ସେ କାହାରି ସଙ୍ଗରେ ବିବାଦ କରିବ ନାହିଁ।

———

—ଊଣେଇଶ—

ମଧୁ ଖାଡ଼େଙ୍ଗା ପୁରରୁ ଫେରି ତରତର ହୋଇ ପୁଣି ବାଟକୁ ଗଲା । ମାତ୍ର ଯିବା ପୂର୍ବରୁ କହିଗଲା ଯେ ଓକିଲଙ୍କଠାରୁ ଯାହା ପରାମର୍ଶ ମିଳୁଛି ସେଥିରୁ ନେଢକୁ ଜବରଦସ୍ତ ନେଇ ଯଦୁ ଗୋସେଇଁ ଘରେ ଛାଡ଼ିବାକୁ ହେବ । ଯେବେ ସେ ନେଢକୁ ଘରୁ ବାହାର କରିଦିଏ, ତେବେ ତା ନାମରେ ଖୋରାକ ପୋଷାକ ମକଦ୍ଦମା କରିବାକୁ ହେବ ।

ମଧୁ ବାଟକୁ ଚାଲିଗଲା । ନେଢକୁ ନେଇ ଜବରଦସ୍ତି ଛାଡ଼ିବା ଭାର ରଘୁ ଉପରେ ପଡ଼ିଲା, ମାତ୍ର ଲୋକମାନେ କହିଲେ, ଏତେ ତର ତର କାହିଁ, ମାସେ ଦମାସ ଯାଉ, ଯିବ ତ । ଝିଅଟା କେତେ ଦିନେ ଅସିଛି । ବାପଘରେ କ'ଣ ଝିଅ ରହେ ନାହିଁ । ଅର୍ଥାତ୍ ନେଢ ଥିଲେ ଘର ପାଉଁଟି ଉପରେ ଉପରେ ହୋଇ ଯାଉଛି, ନେଢ ଚାଲିଗଲେ ପୁଣି ଚାକରାଣୀ ରଖିବାକୁ ହେବ । ଚାକରାଣୀଟା କଣ ଏତେ କାମ କରିବ ।

ନେଢର କିନ୍ତୁ ମନ ବଡ଼ ଉଦ୍‌ବେଳ ହେବାକୁ ଲାଗିଲାଣି ମାତ୍ର ମାଇପି ଲୋକ ତ ସେ; ତାର ସାହସ କେତେ । ଭାଇ ସଙ୍ଗରେ ନ ଗଲେ ତାର ଗତି ନାହିଁ । ଅଗତ୍ୟା ଭୁଜଙ୍ଗ ଚୁଚୁନ୍ଦ୍ରା ନ୍ୟାୟରେ ତାକୁ ପଡ଼ି ରହିବାକୁ ହୁଏ ।

ନେଢ ରାତିରେ ସେ ଅସରାଏ କାନ୍ଦେ । ନିତି ବିଶ୍ୱନାଥଙ୍କୁ ମନେ ମନେ ଡାକେ—ବାବା ହେ ବିଶ୍ୱନାଥ ଶୁଭରେ ଶୁଭରେ କଥାଟାକୁ ମୀମାଂସା କରିଦିଅ । ରଘୁ କିନ୍ତୁ ନେଢକୁ ନେଇ ଯିବା କଥା ମନରେ ଧରେ ନାହିଁ, ନେଢି ମଧ ମନ ଖୋଲି ଭାଇକୁ ଏ କଥା କହି ପାରେ ନାହିଁ । ସ୍ୱାମୀ ଘରକୁ ଯିବାର ଅଗ୍ରହ ଦେଖାଇବା ହିନ୍ଦୁସ୍ତ୍ରୀ ପକ୍ଷରେ ବଡ଼ ଲଜ୍ଜାର କଥା, ପୁଣି ସେଠି ସ୍ଥାନ ନ ହେଲେ ତ ପୁଣି ଏ କୁଳର ଅଶ୍ରା ଭେନିବାର ଅଛି, ଏମାନଙ୍କ ମନ ନ ନେଇ ଚଳିଲେ ହେବ କେତେଦିନ ।

Digitized by srujan ka@gmail.com

ଏ ଘର ଯାକରେ ସିଧୁଁ ଟି ନେଢିର ଖବର ଅନ୍ତର ସବୁ ବୁଝେ । ନେଢି ବାପନମାଙ୍କବାଠାରେ ସେ ବସି ଗାଉଥାଏ ।

କମଳ ଲୋଚନ ଶ୍ରୀଧର କରେଣ ଶଙ୍ଖ ଚକ୍ରଧାରୀ
ଖଗ ଆସନେ ଜଗପତି ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ
ଗରୁଡ଼ ଆସନ ମୁରାରି ଗୋପରେ ରଖିଲେ ବାଛୁରୀ—ଇତ୍ୟାଦି ॥

ନେଢି ନଈକୁ ପାଣି ପାଇଁ ଗଲେ ସିଧୁ ତା ପଛେ ପଛେ କିରଡ଼ି ପିଲା ପରି ଗୋଡ଼ାଇଥାଏ । ବେଳେ ବେଳେ ସିଧୁ କହେ "ଚାଲ୍ ନାନୀ, ମୁଁ ତୋତେ ଛାଡ଼ି ଦେଇ ଆସିବି, ଟକେଇକୁ କହିଲେ ଖଣ୍ଡେ ଶଗଡ଼ ଡାକିଦେବ ।" ନେଢିର ସାହସ ହୁଏ ନାହିଁ, ପିଲା ଲୋକ, ବାଟ ଭିତରେ ଲାଗିଲେ ସେ କି ପାରିବ ? ପୁଣି ସିଧୁ ଦଙ୍ଗରେ ଘରୁ ଗୋଡ଼ କାଢ଼ିଗଲେ ଭାଇ ଭାଉଜଙ୍କ ମନରେ କଷ୍ଟ ହେବ ।

ତେଣେ ପୁଣି ଗାଁ ମାଇପେ ସବୁ କଥାରେ ନେଢିର ଉଲ୍ଟା ଦେଖନ୍ତି । ସେ ଦିନ ସାବିତ୍ରୀବୋଉ ସାବିକୁ ଗାଳି ଦେଲା, ସେ ମୁହେଁ ମୁହେଁ ବତାଇ ଦେଲା, "ଅଲୋ ମତେ ସେ ଗୁଡ଼ାକ କହିବୁ ନାହିଁ ଲୋ, ମୁଁ ଖାଟେଣ୍ଟା ଘର ଝିଅ ନୁହେଁ ଯେ ତମର ସବୁ ସହୁ ପଡ଼ିଥିବି । ଭଲରେ ଥାଉ ମୋ କଳସୀ ଗଛି, କଳସ ଥିଲେ ମୋ ଢିଅଣ ଅଛି, ମୁଁ ତମକୁ ମାଗି ଆସିବି ନାହିଁ ।"

ଆଉ ଦିନେ ବଡ଼େଇ ଘର ଶାଶୁ ବୋହୂରେ କଳି ଲାଗିଲା । ବୋହୂ ମୁହେଁ ମୁହେଁ ବତାଇ ଦେଲା । "ମୁଁ ଖାଢ଼େଣ୍ଟା ଘର ଝିଅ ନୁହେଁ ଯେ ମୋ ବାପ ମା ମତେ ଅନ୍ତର କରିବେ । ଅଜି ଗୋଡ଼ କାଢ଼ିଲେ କାଲି ମତେ ମୁଣ୍ଡେ ମୁଣ୍ଡାଇ ରଖିବେ ।"

ନେଢିର ହୃଦୟରେ ଏ କଥାଗୁଡ଼ାକ ଶେଲ ବାଜିଲା ପରି ବାଜୁଥାଏ, କ ସହି ବା ଯିବ କଣ ? ସେ ଖାଲି ଭଗବାନଙ୍କୁ ଡାକୁଥାଏ । ତାର ଆଖି ଆଗରେ ନାନା ଚାନ ଥାଏ, ଇନ୍ଦୁର ହେନ୍ଦୁ ହସ ହସ ମୁହଁ ମନ ମଧ୍ୟରୁ ନମସ୍କାର କରି ଓଠେ ।

Digitized by srujan ka@gmail.com

—ବୋଢ଼ିଏ—

ରାତି ପାହିଲେ ଗୁଣ୍ଡିଚା । ଉତ୍ତରକବାଟ ଘର ଛିଅ ମଙ୍ଗୁଳି ହୋଇ ବସିଲେଣି । ରାମାର ବାହାଘର ଯୋଗାଡ଼ରେ ମଦନା ମାର ଗୋଡ଼ ପାଖ ହାତେ ପଡ଼ୁଛି । କପିଳାର ଗ୍ରାହକ ତ କାହିଁ ଦେଖାନାହିଁ ।

ରାତି ସାରା ଯଦୁ ଗୋସେଇଁଙ୍କୁ ନିଦ ନାହିଁ । ସେ ବାବା ବିଶ୍ୱନାଥଙ୍କୁ ଡାକି ଡାକି ଗୁଣ୍ଡିଚା ପାଖେଇ ଯିବାରୁ ଜଗନ୍ନାଥଙ୍କୁ ଡାକିବାକୁ ଆରମ୍ଭ କଲେ । ଜଗନ୍ନାଥଙ୍କ ସ୍ୱରୂପ ସେ ପୁରୀରେ ଦେଖି ନାହିଁ । ପୁରୀ ତ କେବେ ଯାଇନାହିଁ । ବାକି ଏଠି ସେଠି ସେ ଯେଉଁ ଜଗନ୍ନାଥ ମୂର୍ତ୍ତି ସବୁ ଦେଖିଛି, ତାର ବିରାଟ ରୂପ କଳ୍ପନା କରି ଅର୍ଥାତ୍ ଗୋଟିଏ ଚିଲକୁ ଚାହିଁ ଯଦୁ ଗୋସେଇଁ କହି ଚାଲିଥାଏ "ପ୍ରଭୁହେ କପିଳାର ଗ୍ରାହକଟେ ଜୁଟାଇ ଲଗାଅ— ନୋହିଲେ ରାମା ଯେ ବିବାହ ହୋଇ ପାରିବ ନାହିଁ । କନ୍ୟା ଦାହାକୁ ?"

ସେ ଦିନ ରାତି କିନ୍ତୁ ବଡ଼ ଶୀଘ୍ରରେ ପାହିଆସିଲା । ନରିପୁର ଗାଁ ପକ୍ଷରେ ସେ ଦିନର ଗୁଣ୍ଡିଚା ଚିର ସ୍ମରଣୀୟ ହୋଇ ରହିବ । ସେ ଦିନ ରାତି ପହରରେ ଗୋଟିଏ ଚିର ସ୍ମରଣୀୟ ଘଟଣା ଘଟିଲା । ଦିନର ପ୍ରଥମ ପ୍ରହରରେ ଅର୍ଥାତ୍ ଠିକ୍ ସୂର୍ଯ୍ୟୋଦୟ ବେଳେ ଯଦୁଗୋସେଇଁ "ବାବା ହେ ବିଶ୍ୱନାଥ" କହି ଯେ ଦୁଆରଟି ମେଲା କରି ଦେଇଛି, ଦେଖିଲା ଯେ ଅଖି ଅଗରେ ରଥିଆ । ତା ଛାତିରୁ ସେତେବେଳେ ଖଣ୍ଡେ ରକ୍ତ ଶୁଖିଗଲା, ଭାବିଲା ମାଇଲାତ ! ରଥିଆ କିନ୍ତୁ ସାଷ୍ଟାଙ୍ଗ ଗୋଡ଼ ତଳେ ପଡ଼ି କହିଲା—"ଗୋସେଇଁ ମୋ ଅପ୍ରାଧ କ୍ଷମା କର । ତୁମଠାରେ ଦୋରେହା ହୋଇ ମୁଁ ଯଥେଷ୍ଟ ଶାସ୍ତି ପାଇଲିଣି ।" ଯଦୁ ଗୋସେଇଁ ଫେଁ କରି ହସି ଦେଇ କହିଲା—"ଅରେ ! ପାଗଳ, ତୋ ଉପରେ କ'ଣ ମୁଁ ରାଗିଛି ? ହଉ ତୋର କେଉଁ ସନ୍ଦେହ ତ ?" ରଥିଆ "ହଁ ଆଜ୍ଞା" କହି

Digitized by srujan ka@gmail.com

ମୂଣ୍ଡିଅଛେ ମାରନ୍ତି । ଯଦୁ ଗାଁ-ସାହୁଙ୍କ ଦିକାଏ ଘୀ ବୃକ୍ଷତର ବ୍ୟବସ୍ଥା କର ସବୁ କାମ ସାରେ ବେଳକୁ ବେଳ ଦ୍ୱିଗଣ୍ଡ ପ୍ରହରକୁ ଧାଇ ଦେଲେ ।

ଏଣେ ଦ୍ୱିଗୟ ପ୍ରହରରେ ଦନ ପ୍ରବେଶ ହେଉ ନ ହେଉଣୁ, ଗାଁ ସେ ମୂଣ୍ଡରୁ ଅବଭ୍ ହେଲା କପିଳାର ଖୋଦ ଗ୍ରାହକଙ୍କର; ସାଙ୍ଗରେ ତାଙ୍କର ଚୋକାଟିଏ ଅଛି । ଗୋଟିଏ ଅଖାରେ କଞ୍ଚ ବୁଣ୍ଡା, ହାତରେ ପିତଳ ତସଲାଟିଏ । ଏତକ ବନ୍ଦୋବସ୍ତ କପିଳାକୁ ବାଠରେ ଖୁଆଇବା ପାଇଁ । ଦୁହଙ୍କ ହାତରେ ଦୁଇଟି ଠେଙ୍ଗା । ଯଦୁର ପିଣ୍ଡରେ ପ୍ରାଣ ସଞ୍ଚାର ହେଲା । ଜଗନ୍ନାଥଙ୍କର ମହିମା ତା ଆଖି ଆଗରେ ଦେଖାଗଲା ।

ଗ୍ରାହକକୁ ଘରକୁ ଡାକ କପିଳା ପାଖକୁ ନେଇଗଲା । କପିଳାକୁ ଶେଷଥର ପାଇଁ ଟିକିଏ ଅଉଁସି ଦେଉ ଦେଉ ତା ଆଖିରୁ ଅଲକ୍ଷିତରେ ଦୁଇଧାର ଲୁହ ଗଡ଼ି ପଡ଼ିଲା । ତା ଜୀବନର ଶେଷ ସଙ୍ଗୀ ସେ; ତାକୁ ଆଜ ବାଧ ହୋଇ ଛାଡ଼ିବାକୁ ହେଲା । କପିଳା ପଶୁ ହିନା; ସେ କଅଣ ବୁଝିଲା କେଜାଣି, ତା ଆଖିରୁ ମଧ ଲୁହ ଝରିଲା ।

ଏ ସମୟରେ ରମା ଧାଇଁ ଧାଇଁ ଆସି କହିଲା "ଗୋସେଇଁ ଗୋସେଇଁ" ଗୋସେଇଁ ଚମକି ପଡ଼ିଲେ, କ'ଣ ଗୋଟାଏ ଆଉ ଅମଙ୍ଗଳ ଘଟିଲା କି ? ରମା ଦମ୍ ମାରି କହିଲା "ଗୋସେଇଁ, କପିଳାକୁ ବିକିବା ଆଉ ଦରକାର ନାହିଁ । ମୋର ଛଅମାସର ବାକି ଦରମା ଷାଠିଏ ଟଙ୍କା ପ୍ରେସ ମାଲିକ ମନିଅର୍ଡ଼ର କରି ପଠାଇ ଦେଇଛନ୍ତି । ତାଙ୍କ ଚୋରମାଲ ସବୁ ମିଳିଲା । ମୋତେ ନିର୍ଦ୍ଦୋଷ ଜାଣି ମୋର ଦରମା ପଠାଇଛନ୍ତି ଓ ମୋତେ ମଧ ଏହା ପରେ ଯାଇ ପ୍ରେସରେ ପୁନର୍ବାର କାମ କରିବାକୁ ଅନୁରୋଧ କରିଛନ୍ତି" । କଥା ଶୁଣି ଯଦୁର ହୃଦୟ ଆନନ୍ଦରେ ଚଞ୍ଚଳ ହୋଇ ଉଠିଲା । ଗ୍ରାହକ ନିରାଶ ହୋଇ ଦୁଃଖରେ ଫେରିଗଲା ।

Digitized by srujan ka@gmail.com

ଏ ସବୁ କାଣ୍ଡ ସରୁ ସରୁ ବେଳ ଦ୍ୱିତୀୟ ପ୍ରହର ଗଡ଼ି ତୃତୀୟ ପ୍ରହରରୁ ଧାପ ଦେଲା । ଏତିକି ବେଳକୁ ଗୋଟିଏ ଶଗଡ଼ ଛିଡ଼େଇ ଡିମେଇ ଯଦୁଗୋସେଇଁଙ୍କ ଦୁଆର ମୁହଁରେ ଲାଗିଲା । ଶଗଡ଼ିଆ ଶଗଡ଼-ଟାକୁ ଫିଟାଇ ଦେଲା । ତା ମଧ୍ୟରୁ ବାହାରି ଆସିଲେ ଶ୍ରୀମତୀ ନେଢ ସାନ୍ତାଣୀ ଓ ତାଙ୍କ ସାନଝିଅ ସିଧୁ । ନେଢଙ୍କ ଆଖିରୁ ଝର ଝର ଧାରରେ ଲୁହ ବହି ଯାଉଛି । ସାଷ୍ଟାଙ୍ଗ ଗୋଡ଼ତଳେ ପଡ଼ି କହିଲେ "ମୋର ଅପରାଧ କ୍ଷମା ହେଉ ।" ଯଦୁର ଆଖିରୁ ଶ୍ରାବଣର ଧାର ଛୁଟିଲା; ମାତ୍ର ସେ ଟିକିଏ ଦାନ୍ତ ନିକୁଟି କହିଲା "ପାଗଳି, ମୁଁ କ'ଣ ରଖିଛି ? ମୋ ଘର; ତୁ ଛାଡ଼ି ପଳାଇଲୁ ମୁଁ କ'ଣ କରିବ ?" ନେଢର ଦେହ ଏ କଥା ଶୁଣି ସତେ ଅବା ଲୁହ ଓହ୍ଲାଇ ଗଲା ପରି ଆନନ୍ଦରେ ପୁଲକିତ ହୋଇ ଉଠିଲା । ବୈରାଗିକ ମଦନା ମା କେଉଁଠି ଥିଲା କେଜାଣି, ଗୋଟାଏ ହୁଳହୁଳି ଆରମ୍ଭ କରି ଦେଲା—ଘଡ଼ିଏ ଧରି । ଯଦୁ ପଚାରିଲେ "ସେ କିଏ ?" ମଦନା ମା କହିଲା "ଆମ ନେଢ ସାନ୍ତାଣୀଙ୍କର ପରି ଘରକରଣା ବୁଦ୍ଧି ହେଲାଣି । ଏଥର ମଣିକାଞ୍ଚନ ଯୋଗ, ଅଉ କ'ଣ ? ଚାଲ ଗୋସେଇଁ ଘରକୁ; ବେଳ ଏବେ ଚତୁର୍ଥ ପ୍ରହରକୁ ଧାପ ଦେଲାଣି, କବାଟ ଲାଗୁ ବନ୍ଦ ହେବ ଯେ ।" ନେଢ ଆଶ୍ଚର୍ଯ୍ୟ ହୋଇ ରହିଲା । ଯଦୁ ଗୋସେଇଁ ରହସ୍ୟଟା ବୁଝି କହିଲେ "ନାହିଁ ନା । ତୁମର ଆଜି ଚିହ୍ନର ।"

ବେଳ ଚତୁର୍ଥ ପ୍ରହରରେ ଯଦୁ ଗୋସେଇଁ ବସି ସମାର ବିବାହ ମନ୍ତ୍ର ପଢୁଥାନ୍ତି—

"ଯଥା ଇନ୍ଦ୍ରସ୍ୟ ଇନ୍ଦ୍ରାଣୀ,
ଯଥା ରାମସ୍ୟ ସୀତା—କି ମଦନା ମା' ଏ କ'ଣ ମଣି କାଞ୍ଚନ

ପରି ଦିଶୁ ନାହାନ୍ତି ?" ମଦନା ମା କହିଲା "ଗୋସେଇଁ କେତେ ନବୀନ ନାଗର । ମୋର ତ ତମେ ମଣି ଅଉ ରମା କାଞ୍ଚନ । ମୋର ଏ ମାଳିଏ ଧୁଁଆଳ ଠେଙ୍ଗା ଜଣ ଅଛି ।" ଗୋସେଇଁ କହିଲେ "ତୁ କଣ କମ୍ ନଟଙ୍କିଆଣୀ କି !" ସମାପ୍ତ

Ptd. by C.S Misra B.A. at the Ambika Press, (C)

Digitized by srujan ka@gmail.com